

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୩୦ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 JULY 2025

Vol.No. 36 ■ No.200 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ସଂସଦରେ ଅପରେସନ ସିନ୍ଦୂର ବିତର୍କ

# କିଏ କହିବାରୁ ଅସ୍ତ୍ରବିରତି ହୋଇନି: ପ୍ରଧାନମନ୍ତ୍ରୀ ମୋଦୀ

♦କଂଗ୍ରେସ ଉପରେ ବର୍ଷିଲେ ଅମିତ ଶାହ

♦ମୋଦୀଙ୍କର ଇନ୍ଦିରାଙ୍କର ସାହସର ଅଧା ବି ନାହିଁ: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୨୯/୭ : ଅପରେସନ ସିନ୍ଦୂର ସମ୍ପର୍କରେ ଚାଲିଥିବା ବତର୍କ ସମୟରେ କଂଗ୍ରେସକୁ ମନଇଛା ଧୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପାକିସ୍ତାନ ଓ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ନିକିତିରେ ତଉଲିଛନ୍ତି। କଂଗ୍ରେସ ପାକିସ୍ତାନ ସ୍ୱର ସାଜିଥିବା ମୋଦି ଅଭିଯୋଗ କରିଛନ୍ତି।

ଅପରେସନ ସିନ୍ଦୂର ଠାରୁ ଆରମ୍ଭ କରି ୧୯୬୨-୬୩ରେ କେମିତି ପଣ୍ଡିତ ନେହରୁ ଅକସାଇ ଚିନକୁ ମରୁଭୂମି କହି ଛାଡ଼ି ଦେଇଥିଲେ, ସେକଥା ବି ମୋଦି କହିଛନ୍ତି। ଇନ୍ଦିରା ଗାନ୍ଧିଙ୍କ ଠାରୁ ରାଜୀବ ଗାନ୍ଧିଙ୍କ ଯାଏ ଦେଶର ସବୁ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ମୋଦି ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ସେମାନେ ଦେଶର ଜମିକୁ ଅନ୍ୟଙ୍କୁ ଦେଇଥିବା ମୋଦି କହିଛନ୍ତି। ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି ମୋଦି। ଭାରତ-ପାକିସ୍ତାନ ଯୁଦ୍ଧ ବିରତି ଲାଗୁ ହେବାର ଶ୍ରେୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେବାକୁ ୨୯ ଥର ଚେଷ୍ଟା କରିଛନ୍ତି। ସେ ଭାରତ ଓ ପାକିସ୍ତାନକୁ ବାଣିଜ୍ୟ ଡିଲ କଥା କହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଲାଗୁ କରିଥିବା କହି ଚାଲିଛନ୍ତି।

ଟ୍ରମ୍ପଙ୍କ ଏହି ଦାବିରେ ସତ୍ୟତା ନଥିବା ବିଜେପି ନେତା ଓ ସାଂସଦ କହି ଚାଲିଥିଲେ ହେଁ ମୋଦି ଏ ସମ୍ପର୍କରେ ପଦୁଟିଏ ବି କହି ନାହାନ୍ତି। ସେହିପରି ଅପରେସନ ସିନ୍ଦୂର ବେଳେ କ'ଣ ଭାରତୀୟ ସେନା କିଛି ଜେଟ ହରାଇଥିଲା କି ଉଠୁଥିବା ପ୍ରଶ୍ନରେ ମଧ୍ୟ ମୋଦି କେବଳ ନୀରବତା ଅବଲମ୍ବନ କରିଛନ୍ତି। ଟ୍ରମ୍ପଙ୍କ ନାଁ ଉଚ୍ଚାରଣ କରି ନଥିଲେ ହେଁ ମୋଦି କହିଛନ୍ତି ଯେ ବିଶ୍ୱର କୌଣସି ନେତା ଆମକୁ ଅପରେସନ ସିନ୍ଦୂର ବନ୍ଦ କରିବାକୁ କହି ନଥିଲେ। ସେ କହିଛନ୍ତି, "ଆମେ ପ୍ରଥମ ଦିନରୁ କହିଥିଲୁ ଯେ ଆମ କାର୍ଯ୍ୟାନୁଷ୍ଠାନ ଉତ୍ତେଜନା ସୃଷ୍ଟି କରିବା ପାଇଁ ନୁହେଁ। ଆମକୁ ବିଶ୍ୱର କୌଣସି ନେତା ଅପରେସନ ସିନ୍ଦୂର ବନ୍ଦ କରିବାକୁ କହି ନଥିଲେ।" ପ୍ରଧାନମନ୍ତ୍ରୀ

▶▶ପୃଷ୍ଠା ୭



‘ଧ୍ୱନି ପ୍ରତିଧ୍ୱନି’ ଓ ‘ସାଗରିକା’ର ସ୍ୱନକ୍ଷତ୍ର ସମାରୋହକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିବା ଅବସରରେ ବରେଣ୍ୟ ଅତିଥିଗଣ...





‘ଧ୍ୱନି ପ୍ରତିଧ୍ୱନି’ ଓ ‘ସାଗରିକା’ର ସ୍ୱନକ୍ଷତ୍ର ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନର ସ୍ମୃତିଚିତ୍ର...

## ରାଜଧାନୀରୁ ମିଳିଲା ୩୦ କୋଟିର ମାରିଜୁଆନା: ଜବତ କଲା କଷ୍ଟମସ ବିଭାଗ

ଭୁବନେଶ୍ୱର, ୨୯/୭ (ନି.ପ୍ର): ରାଜଧାନୀରୁ ମିଳିଲା ୩୦ କୋଟିର ମାରିଜୁଆନା। ଭୁବନେଶ୍ୱର ଏୟାରପୋର୍ଟରୁ ମିଳିଛି ହାଇଡ୍ରୋଫୋନିକ ୱିଡ ବା ମାରିଜୁଆନା ଓ ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ଏହି ଘଟଣାରେ ୩ ଜଣକୁ ଅଟକ ରଖି ପଚରାଉଚରା କରାଯାଉଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହଯାଉଛି। ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ । ଏପଟେ ସରକାରୀ ବସରେ ହେଉଥିଲା ଗଞ୍ଜେଇ ଚାଲାଣ। ଖବର ପାଇ ଅବକାରୀ ବିଭାଗର ରେଡ୍ ବେଳେ ଚଳନ୍ତା ବସରେ ଡେଇଁ ଫେରାର ମାରିଲା ଅଭିଯୁକ୍ତ। ଗତକାଲି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ଏଭଳି ଘଟଣା ଘଟିଛି। ଏକ ଓଏସଆରଟିସି ବସରେ ଗଞ୍ଜେଇ ଚାଲାଣ କରୁଥିଲେ ଦୁଇ ଅଭିଯୁକ୍ତ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ସଂପୃକ୍ତ ବସରେ ଚଢାଉ କରିଥିଲା। ସ୍ଥାନୀୟ ଜୟପାଟଣା ରାଜବାଟୀ ଛକରେ ବସକୁ ଅଟକାଇ ଯାଞ୍ଚ କରିଥିଲା। ତେବେ ଯାଞ୍ଚ ହେଉଥିବା ଜାଣି ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବସ୍ ଝର୍କା କାଚ ଦେଇ ଫେରାର ମାରିବାରେ ସକ୍ଷମ ହୋଇଥିଲା। ଯାହାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଅନ୍ୟଜଣେ ଯୁବକକୁ କାବୁ କରାଯାଇ ପାରିଥିଲା। ତେବେ ଉଭୟ ଅଭିଯୁକ୍ତ ବାହାର ରାଜ୍ୟର, ସେମାନେ ୧୦ରୁ ୧୫ କେଜିରୁ ଅଧିକ ଗଞ୍ଜେଇ ନେଇ ଚାଲାଣ କରୁଥିଲେ ବୋଲି ସୂଚନା ମିଳିଛି। ଏ ନେଇ ଅବକାରୀ ବିଭାଗର ପ୍ରତିକ୍ରିୟା ମିଳିପାରିନି।

## ଅସୁରକ୍ଷିତ ଆମେରିକା: ବଢ଼ୁଛି ଅପରାଧ

ନୂଆଦିଲ୍ଲୀ,୨୯/୭ : ପୁଣି ଗୁଳିମାଡ଼ରେ ଥରିଛି ଆମେରିକା । ମଙ୍ଗଳବାର ଭୋରୁ ନ୍ୟୁୟର୍କରେ ଭୟଙ୍କର ଗୁଳିକାଣ୍ଡରେ ୫ଜଣଙ୍କ ମୃତ୍ୟୁ ହେବା ସହ ୧୦ରୁ ଅଧିକ ଆହତ ହୋଇଛନ୍ତି । ଘଟଣାରେ ଜଣେ ପୁଲିସ ଅଧିକାରୀଙ୍କ ସହ ୪ ଜଣଙ୍କ ମୃତ୍ୟୁ ହେବା ସହ ପାଲଟା ଗୁଳିଚାଳନାରେ ସୁଟର ନିପାତ ହୋଇଛି । ସୁଟର ଜଣଙ୍କ ଲାସ ଭେଗାସର ୨୭ ବର୍ଷୀୟ ସେନ ତାମୁରା । ବୁଲେଟ ପ୍ରୁଫ୍ ପୋଷାକ ପିନ୍ଧିଥିବା ବେଳେ ଏଆର ଷ୍ଟାଇଲ ରାଇଫଲ ଧରି

▶▶ପୃଷ୍ଠା ୭

## ଗିରଫ ହୋଇପାରନ୍ତି ବିଷ୍ଣୁପଦ ସେଠୀ: ବିପଦ ବଢ଼ାଇଲା କୋର୍ଟଙ୍କ ଟିପ୍ପଣୀ

ଭୁବନେଶ୍ୱର, ୨୯/୭ (ନି.ପ୍ର): ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ୍ ଆବେଦନକୁ ଅଗ୍ରାହ୍ୟ କରିବା ସହ, ହାଇକୋର୍ଟ ଯେଉଁ ଟିପ୍ପଣୀ କରିଛନ୍ତି, ତାହା ଅତି ସାଙ୍ଘାତିକ । କୋର୍ଟ କହିଛନ୍ତି, କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଛାଇ ପରି ଗୋଡ଼ାଇଥାଏ ଦୁର୍ନୀତି । ତେଣୁ ଜାମିନ ପ୍ରଦାନ କଲେ ତଦନ୍ତରେ ବାଧା ସୃଷ୍ଟି ହେବ । ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣାରେ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମାମଲା ରୁଜୁ କରିଛି



ସିବିଆଇ । ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ହାଇକୋର୍ଟ

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ : ଘରେ ପୁଳା ପୁଳା ସୁନା

ଭୁବନେଶ୍ୱର, ୨୯/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ବାବୁ । ଭୁବନେଶ୍ୱର ରୋଡ ଆଣ୍ଡ ବିଲ୍ଡିଂ ଭିଜିଜନ ତିନିର ସହକାରୀ ଇଞ୍ଜିନିୟର ରାଜକିଶୋର ଜେନାଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି । ଚଢାଉ ବେଳେ ମିଳିଛି ବାବୁଙ୍କୁ



ବିପୁଳ ସମ୍ପତ୍ତି । ଗ୍ୟାଲେରିଆ ଓ ସଫୋନି ମଲରେ ରହିଛି ଦୁଇଟି ଫ୍ଲାଟ ଓ ୨ଟି କର୍ମସିଆଲ ଆଉଟଲେଟ । ରାଜଧାନୀରେ ଗୋଟିଏ ବହୁତଳ ଅଟ୍ଟାଳିକା, ୧୩ଟି ବହୁମୂଲ୍ୟବାନ ଜମି, ନିଳାଦ୍ରୀ ବିହାରରେ ତିନି ମହଲା କୋଠା ଠାବ ହୋଇଛି । ଭୁବନେଶ୍ୱର କସ୍ମୋପଲିସରେ ୮ ନମ୍ବର ମହଲାରେ ଗୋଟିଏ ଫ୍ଲାଟ, କସ୍ମୋପଲିସର ଟାୱାର-ଏଚ୍‌ରେ ୧୬ ମହଲାରେ ଥିବା ଫ୍ଲାଟ । ଡୁମୁଡୁମାରେ ଥିବା ପ୍ଲଟ, ଜାଗମରାରେ ଥିବା ଏଏସଏନ ଇନଫ୍ରାଷ୍ଟ୍ରକ୍ଚର କମ୍ପାନୀ ଏବଂ ନୟାଗଡ଼ ଜଗନ୍ନାଥପ୍ରସାଦ ଅଞ୍ଚଳର ବ୍ୟକ୍ତିଗତ ଏବଂ ସମ୍ପର୍କୀୟଙ୍କ ଘରେ ଚଢାଉ ହୋଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢାଉ ଜାରି ରହିଛି ।

## ସାତକୋଶିଆ ବାଘ ଶୂନ୍ୟ

ଭୁବନେଶ୍ୱରଭୁବନେଶ୍ୱର, ୨୯/୭ (ନି.ପ୍ର): ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଛି ବୋଲି କହିଛନ୍ତି ପିସିସିଏଫ୍ ପ୍ରେମ୍ ଝା। ସେ କହିଛନ୍ତି ଯେ ସାତକୋଶିଆକୁ ବର୍ତମାନ କୌଣସି ବାଘ ଆଣିବାକୁ ଯୋଜନା ନାହିଁ। ୫ ବର୍ଷ ପୂର୍ବେ ସାତକୋଶିଆରେ ବାଘ ରହିଥିଲେ, ବର୍ତମାନ ଆଉ ବାଘ ନାହାନ୍ତି। ଶିମିଳିପାଳରେ ୨ ପ୍ରକାର ବାଘ ଅଛନ୍ତି, ନର୍ମାଲ ଟାଇଗର ଓ ବ୍ଲାକ୍ ଟାଇଗର। ପ୍ରତି ୪ ବର୍ଷରେ ଥରେ ବାଘ ଗଣନା କରାଯାଉଛି। ଶିମିଳିପାଳରେ ବର୍ତମାନ ବାଘଙ୍କ ସଂଖ୍ୟା ୩୦ ରହିଛି । ଶାବକଙ୍କୁ ୨ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ ବୋଲି କହିଛନ୍ତି ପିସିସିଏଫ୍। ସେ ଆହୁରି

▶▶ପୃଷ୍ଠା ୭

## ପୁଟିନ୍‌ଙ୍କୁ ଡେଡ୍‌ଲାଇନ୍ ଦେଲେ ଡୋନାଲ୍ଡ ଟ୍ରମ୍ପ: ୫୦ ଦିନ ନୁହେଁ ୧୨ ଦିନରେ ନିଅ ନିଷ୍ପତ୍ତି, ଯୁଦ୍ଧ ଶେଷ କର

ନୂଆଦିଲ୍ଲୀ,୨୯/୭ : ପୁଟିନ୍‌ଙ୍କୁ ଡେଡ୍‌ଲାଇନ୍ ଦେଲେ ଡୋନାଲ୍ଡ ଟ୍ରମ୍ପ । ୫୦ ପରିବର୍ତ୍ତେ ୧୦/୧୨ ଦିନରେ ନିଷ୍ପତ୍ତି ନେବାକୁ ପୁଟିନ୍‌ଙ୍କୁ କହିଲେ ଟ୍ରମ୍ପ । ୟୁକ୍ରେନରେ ଅସ୍ତ୍ରବିରତି ଲାଗି ରାଜି ହେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ନିଜର ପୂର୍ବର ସମୟସୀମାକୁ ହ୍ରାସ କରିଛନ୍ତି । ଏହି ସମୟସୀମାକୁ ସେ ୫୦ ଦିନରୁ ‘ପ୍ରାୟ ୧୦ କିମ୍ବା ୧୨ ଦିନ’କୁ ହ୍ରାସ କରିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେୟର୍ ଷ୍ଟାର୍ମରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଶାନ୍ତି



ପ୍ରୟାସରେ ଅଗ୍ରଗତି ହେଉ ନ ଥିବାରୁ ସେ ଆଉ ଅପେକ୍ଷା କରିବାର କାରଣ ଦେଖୁନାହାନ୍ତି । ମୁଁ ଏବେ ୧୦ କିମ୍ବା ୧୨ ଦିନ ପର୍ଯ୍ୟନ୍ତ ଏକ ନୂଆ ଡେଡ୍‌ଲାଇନ୍ ତିଆରି କରିବାକୁ ଯାଉଛି। ଅପେକ୍ଷା କରିବାର କୌଣସି କାରଣ ନାହିଁ । ଏହା ୫୦ ଦିନ ଥିଲା, ମୁଁ ଉଦାର ହେବାକୁ ଚାହୁଥିଲି, କିନ୍ତୁ ଆମେ କୌଣସି ଅଗ୍ରଗତି ଦେଖୁନାହୁଁ । ମସ୍କୋ ଉପରେ ଚାପ ବଢ଼ାଇବା ପାଇଁ ଟ୍ରମ୍ପ ଚାହୁଛନ୍ତି । ପୁଟିନଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟରେ ଏହି ମନ୍ତବ୍ୟ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି, ଯାହାଙ୍କ ସହିତ ସେ ପୂର୍ବରୁ ଭଲ ସମ୍ପର୍କ ଥିବା ଦାବି କରିଛନ୍ତି । ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ ୟୁକ୍ରେନରେ ଆକ୍ରମଣ ବନ୍ଦ କରିବା ପାଇଁ ରୁଷ୍‌କୁ ୫୦ ଦିନର ସମୟ ଦେଇଥିଲେ ଏବଂ ଏହାକୁ ପାଳନ ନ କଲେ ଗୁରୁତର ଅର୍ଥନୈତିକ ପରିଣାମ ଭୋଗିବାକୁ ଚେତାବନୀ ଦେଇଥିଲେ । ରୁଷ୍‌ର ତେଲ ଓ ଅନ୍ୟ ଜିନିଷ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ଶୁଳ୍କ ଲାଗୁ କରିବାକୁ ସେ ଧମକ ଦେଇଛନ୍ତି ।

▶▶ପୃଷ୍ଠା ୭

## ଅଗଷ୍ଟ ୨ରେ ମିଳିବ ପିଏମ-କିଷାନ ଟଙ୍କା

ନୂଆଦିଲ୍ଲୀ,୨୯/୭ :ଦେଶର କୋଟି କୋଟି ଚାଷୀଙ୍କ ପାଇଁ ଏକ ଖୁସି ଖବର । ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୨୦ତମ କିସ୍ତି ପ୍ରଦାନ କରିବାର ତାରିଖ ଘୋଷଣା କରିଛି। କୃଷି ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ କିଷାନ) ଯୋଜନା ଅଧୀନରେ, ୨୦ତମ କିସ୍ତିର ଟଙ୍କା ଆସନ୍ତା ମାସ ୨ ତାରିଖରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଦିଆଯିବ। କୃଷି ମନ୍ତ୍ରଣାଳୟ ମଙ୍ଗଳବାର ରାତିରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛି । ମନ୍ତ୍ରଣାଳୟ ଏହାର ସରକାରୀ ‘ଏକ୍ସ’ ହାଣ୍ଡଲରେ କହିଛି ଯେ ପ୍ରଧାନମନ୍ତ୍ରୀ କିଷାନର ୨୦ତମ କିସ୍ତି ୨ ଅଗଷ୍ଟ ୨୦୨୫ରେ ୟୁପିର ବାରାଣସୀର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସ୍ଥାନାନ୍ତରିତ ହେବ। କେନ୍ଦ୍ର ସରକାର ଫେବୃଆରୀ ୨୦୧୯ରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷ ଥର ପାଇଁ ଫେବୃଆରୀ ୨୪, ୨୦୨୫ ରେ ତାଙ୍କ ବିହାର ଗସ୍ତରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୧୯ତମ କିସ୍ତି ଜାରି କରିଥିଲେ। ଏହି ଯୋଜନା ଅଧିନରେ ଭାରତ ସରକାର ସାରା ଦେଶର ଯୋଗ୍ୟ ଚାଷୀମାନଙ୍କୁ ପ୍ରତିବର୍ଷ ୬୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏହି ୬୦୦୦ ଟଙ୍କା ପ୍ରତି ୪ ମାସରେ ୨ ହଜାର ଟଙ୍କାର ୩ ଟି କିସ୍ତି ଆକାରରେ ଚାଷୀମାନଙ୍କୁ ଦିଆଯାଏ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ




ମଙ୍ଗଳପୁର, ୨୯/୦୭ (ନି.ପ୍ର): ସୋର ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବନମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କୁ ଅଧକ୍ଷ ପୂର୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିଲେ । ୟୁଥ ରେଡ଼କ୍ରସ ଓ ରେଡରୀବନ କ୍ଲବର ପରାମର୍ଶଦାତା ତଥା ଇଂରାଜୀ ବିଭଗ ର ମୁଖ୍ୟ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି ଏବଂ ଜାତୀୟ ସେବା ଯୋଜନା ର ଅଧିକାରୀ ତଥା ଅର୍ଥନୀତି ବିଭାଗ ର ପିଜିଟି ଶ୍ରୀଯୁକ୍ତ ସୁଜିତ କୁମାର ଗୋଛାୟତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ୧୦୦ ଜଣ ସ୍ୱେଚ୍ଛାସେବୀ ୨୦୦ ବୃକ୍ଷ ଚାରା ରୋପଣ କରିଥିଲେ । ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିବା ଏହି ବୃକ୍ଷ ଗୁଡିକ ର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ର ସଫଳତା ପାଇଁ ଅଧ୍ୟାପକ ଡକ୍ଟର ପଙ୍କଜ କୁମାର ଜେନା, ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ରାଉଳ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, କ୍ରୀଡ଼ାଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଓଡ଼ିଆ ବିଭାଗ ର ମୁଖ୍ୟ ଅଧାପିକା ଶ୍ରୀମତୀ ପୁଷ୍ପଲତା ପାଢ଼ୀ, ଅଧାପିକା ରଂଜିତାବାଳା ମହାପାତ୍ର, ଅନ୍ନପୂର୍ଣ୍ଣା ଜେନା, ସନ୍ଧ୍ୟାରାଣୀ ଜେନା, ପିଜିଟି ଶ୍ରୀମତୀ କସ୍ତୁରୀ ପାଲଟା, ଶ୍ରୀଯୁକ୍ତ ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର, କୁମାରୀ ସୁଦେସ୍ନା ଦାଶ ମହାପାତ୍ର, କୁମାରୀ ଇତିଶ୍ରୀ ମହଲା, ଡି. ଇ. ଓ ଭରତ ଚନ୍ଦ୍ର ମାହାନା, ଶିକ୍ଷା କର୍ମଚାରୀ ଦ୍ୱିଜେନ୍ଦ୍ର ପ୍ରସାଦ ଦାସ, କୈଳାସ ଚନ୍ଦ୍ର ବାରିକ, ଅଣାକାର ନାୟକ, ପୂର୍ଣଚନ୍ଦ୍ର ରାଉତ ଏବଂ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଖରିଫ ଋତୁରେ ଜିଲ୍ଲାରେ ମୋଟ ୭୫,୬୬୦ ହେକ୍ଟର ଜମିରେ ଧାନଚାଷ କରିବା ଲକ୍ଷ୍ୟ ଧାର୍ଯ୍ୟ

ମାଲକାନଗିରି, ୨୯/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା କିଛି ଦିନ ହେଲା ଲାଗି ରହିଛି । ଫଳରେ ଚାଷ ପାଇଁ ଉପଯୁକ୍ତ ବର୍ଷା ଯୋଗୁଁ ଧାନ ରୁଆ ବର୍ତମାନ ଜୋରସୋର୍ ରେ ଚାଲିଛି । ପୂର୍ବରୁ ବୃଷ୍ଟିପାତ କମ୍ ଥିବାରୁ ଧାନ ରୁଆରେ ବାଧକ ସାଜିଥିଲା ପାଣିପାଗ । ମାଲକାନଗିରି କୃଷି ବିଭାଗ ସୂଚନା ଅନୁସାରେ, ଚଳିତ ଖରିଫ ଋତୁରେ ଜିଲ୍ଲାରେ ମୋଟ ୭୫,୬୬୦ ହେକ୍ଟର ଜମିରେ ଧାନଚାଷ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ଉଚ୍ଚ କିସମ ଜମିରେ ୧୮,୬୮୦ ହେକ୍ଟର, ମଧ୍ୟମ କିସମ ଜମିରେ ୩୧,୯୧୬ ହେକ୍ଟର ଏବଂ ଖାଲ ଜମିରେ ୨୫,୦୬୪ ହେକ୍ଟର ଜମିରେ ଧାନଚାଷ କରିବା କାର୍ଯ୍ୟକ୍ରମ ରହିଛି । ବର୍ତମାନ ସୁଦ୍ଧା ଢେପ ଜମିରେ ୧୮,୬୮୦ ହେକ୍ଟର ଧାନ ବୁଣା କାର୍ଯ୍ୟ ଶେଷ ହୋଇଥିଲା ବେଳେ ମଧ୍ୟମ କିସମର ଜମିରେ ୩୧,୯୧୬ ହେକ୍ଟରରୁ ୨୦,୦୦୦ ହେକ୍ଟର ଚାଷ ଶେଷ ହୋଇଛି । ସେହିପରି ଖାଲ ଜମିରେ ୨୫,୦୬୪ ହେକ୍ଟରରୁ ବର୍ତମାନ ସୁଦ୍ଧା ୫ ହଜାର ହେକ୍ଟର ଜମିରେ ଧାନ ରୁଆ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ବେଳେ ଅଗଷ୍ଟ ମାସ ଶେଷ ସୁଦ୍ଧା ବଳକା ଧାନ ରୁଆ କାର୍ଯ୍ୟ ଚାଲୁ ରହିବ ବୋଲି ଜଣାପଡିଛି । ବର୍ତମାନ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ୫୭ ପ୍ରତିଶତ ଧାନ ଚାଷ କାର୍ଯ୍ୟ ସଂପନ୍ନ ହୋଇଥିବା କୁହାଯାଇଛି ।

ଅନ୍ୟପକ୍ଷରେ ଜାତୀୟ ଖାଦ୍ୟ ମିଶନରେ ଧାଡ଼ି ରୁଆ ୨୪୦ ହେକ୍ଟର, ସହନଶୀଳତା ଧାନ ରୁଆ ୧୬୦ ହେକ୍ଟର ଏବଂ ସିଧାସଳଖ ଧାନ ବୁଣା ୧୩୦ ହେକ୍ଟର ଏଥିରେ ସଂପୃକ୍ତ ରହିଛି । ତେବେ କୃଷି ବିଭାଗ ତରଫରୁ ୫୩୦ ହେକ୍ଟର ଧାନ ଚାଷ ବୈଜ୍ଞାନିକ ଶୈଳୀ କରାଯାଉଛି ଯାହାକି ଜାତୀୟ ଖାଦ୍ୟ ମିଶନ ତରଫରୁ ଖର୍ଚ୍ଚ କରାଯାଉଛି ବୋଲି ମାଲକାନଗିରି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିଲରଞ୍ଜନ ମହାଲିକ ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୨୯/୦୭ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧକ୍ଷତା କରିଥିଲେ ।ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୫୩ ଗୋଟି ବ୍ୟକ୍ତିଗତ, ୨୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୪ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୨ ଗୋଟି ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, କୃଷ୍ଣ ପସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲଦାର ବିକାଶ ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଂଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅଗଷ୍ଟ ମାସ ୪ ତାରିଖରେ ଜିଲ୍ଲା ସଦର ମହକୁମା ଠାରେ, ୧୧ ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ, ୧୮ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।

# ବିବାହର ପ୍ରଲୋଭନ ଦେଖାଇ ଯୁବକ ଗିରଫ

ଜୟପୁର, ୨୯/୦୭ (ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ଶାରିରିକ ସଂପର୍କ ରଖିଥିବା ମାମଲାରେ ଆଜି ଟାଉନ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ନୂଆସାହି ୪ର୍ଥ ଲାଇନର ସୁଶାନ୍ତ ପୁଜାରୀ(୩୩) । ପୁଲିସଖବର ଅନୁଯାୟୀ ଗତ କିଛି ଦିନ ହେଲା ସୁଶାନ୍ତ ଜୟପୁରର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ତା ସହ ଶାରିରିକ ସଂପର୍କ ରଖିଥିଲେ । ଯୁବତୀ ଜଣକ ବିବାହ କରିବାକୁ ବାଧ କରିବା ପରେ ଯୁବକ ମନା କରିଦେଇଥିଲେ । ପରେ ଯୁବତୀ ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଟାଉନପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମନିଷା ସାହୁ ପ୍ରକାଶ କରିଛନ୍ତି ।

# ରଙ୍ଗାଧର ବେହେରାଙ୍କ ଅନୁବାଦ ପୁସ୍ତକ ଭୋଜପ୍ରବନ୍ଧ ଉନ୍ମୋଚିତ

କେନ୍ଦୁଝର, ୨୯/୦୭ (ନି.ପ୍ର): ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ କବିବଲ୍ଲୋଳଙ୍କ ଦ୍ୱାରା ରଚିତ ଭୋଜପ୍ରବନ୍ଧ ର ପଣ୍ଡିତ ରଙ୍ଗାଧର ବେହେରା ଙ୍କ ଦ୍ୱାରା ଅନୂଦିତ ପୁସ୍ତକର ପାଠକାର୍ପଣ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଯୁଗ୍ମସମ୍ପାଦକ କବି ହରିହର ମହାନ୍ତି ସ୍ୱାଗତ ସମ୍ଭାଷଣ ଜଣାଇ ଥିଲେ । ସଂସ୍କୃତ ର ବିଶିଷ୍ଟ ବିଦ୍ୱାନ ପଣ୍ଡିତ ସଦାଶିବ ମିଶ୍ର ଉତ୍ସବର ଉଦ୍ଘାଟନ କରି କେନ୍ଦୁଝରର ସଂସ୍କୃତ ସାହିତ୍ୟର ପରମ୍ପରା ଅତ୍ୟନ୍ତ ସମୃଦ୍ଧ ବୋଲି ମତ ଦେଇଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର୍ ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝରର ସାହିତ୍ୟ ର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ ।

ପ୍ରାଧ୍ୟାପକ ସୁଧାକର ଦାଶ ଉନ୍ମୋଚିତ ପୁସ୍ତକ ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କବି ଦେବାଶିଷ ଚକ୍ରବର୍ତୀ କେନ୍ଦୁଝର ର ଅନୁବାଦ ପରମ୍ପରା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରିବା ସହିତ ରଙ୍ଗଧର ବେହେରାଙ୍କ ଉଦ୍ୟମ ର ଭୂୟସୀ ପ୍ରଶଂସା କରିଥିଲେ । କବୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନା ରେ ମମତା ରାଣୀ ଦାସ, ରିତାଞ୍ଜଳି ସାହୁ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ଶୋଭନା ଜେନା, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିରଂଚି ସାମନ୍ତରାୟ, ଶାନ୍ତନୁ ମହାପାତ୍ର, ଜିତେନ୍ଦ୍ର ପରିଡ଼ା, ଦେବଦର୍ଶନ ଦାଶ, ମଧୁସୁଦନ ମିଶ୍ର, ପ୍ରାଧ୍ୟାପକ ଜଗନ୍ନାଥ ଜେନା, ଲିପିକା ପଟ୍ଟନାୟକ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ରତ୍ନ ମଞ୍ଜରୀ ରାଉତ, ମାୟାଧର ନାୟକ, ତ୍ରିଲୋଚନ ଦାସ ପ୍ରମୁଖ କବିତା ଆବୃତ କରିଥିଲେ । କାର୍ଯ୍ୟନିର୍ବାହୀ ସଦସ୍ୟ କବି ଜିତେନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ



ବାଲେଶ୍ୱର, ୨୯/୦୭ (ନି.ପ୍ର): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମକୁ ଡ଼ା.କୁମାର ଗୋପାଳ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଏବଂ ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ଗୋପାଳ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ । ମିଲି ଗୁରୁମା' ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦାନ କରି ନିଜ ବକ୍ତବ୍ୟରେ ପିଲାମାନଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷଟିଏ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମା' ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା' କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ପ୍ରତିମା ଗୁରୁମା' ପ୍ରାରମ୍ଭିକ ଭାଷଣ ରଖିଥିଲା ବେଳେ ମିତା ଗୁରୁମା' ପଞ୍ଚାଙ୍ଗ ବୋଲି ଥିଲେ । ଜ୍ୟୋସ୍ନା ଗୁରୁମା' ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ବିନୀତା ଗୁରୁମା, ଝୁନୀ ଗୁରୁମା', ମନୀଷା ଗୁରୁମା', ସରୋଜିନୀ ଗୁରୁମା', ଜ୍ୟୋତି ଗୁରୁମା', ପ୍ରଜ୍ଞାଶ୍ରୀ ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ଅପା ପ୍ରମୁଖ । ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆ ମାନେ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ମାଆ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ।

# ସମାଜସେବୀ ଆରତୀ ଦେବୀ ଦୈନିକ ଖବରକାଗଜ 'ସମାଲୋଚନା' ର ଲୋକାର୍ପଣ ଉତ୍ସବରେ ସମ୍ମାନିତ



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରାଜ୍ୟ ରାଜଧାନୀ ଭୁବନେଶ୍ୱର ଜୟଦେବ ବିହାର ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ ଦୈନିକ ଖବର କାଗଜ 'ସମାଲୋଚନା 'ର ଲୋକାର୍ପଣ ଉତ୍ସବରେ ସମାଜସେବା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସମାଜସେବୀ ଆରତୀ ଦେବୀ ସମ୍ମାନିତ ହୋଇଛନ୍ତି । ମାନ୍ୟବର ଆଇନମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ମହୋଦୟଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀ ଅଶୋକ ଦାସ, ଆଜାତକ (ସାହିତ୍ୟତକ) ର ସମ୍ପାଦକ ଶ୍ରୀ ଜୟପ୍ରକାଶ ପାଣ୍ଡେ, ବରିଷ୍ଠ ଆଇନଜୀବୀ ଜନ୍ମଜେୟ ରାୟ, ସୁବର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ସମାଲୋଚନା ଖବର କାଗଜର ପ୍ରତିଷ୍ଠାତା ତଥା ବଡଖବର ନ୍ୟୁଜ ଚ୍ୟାନେଲର ମୁଖ୍ୟ ସମ୍ପାଦକ ଶ୍ରୀ ଅର୍ଦ୍ଧେନ୍ଦୁ ଦାସ ଙ୍କ ଉପସ୍ଥିତିରେ ସମ୍ମାନିତ ହୋଇ ନିଜକୁ ଧନ୍ୟ ମନେ କରିଥିବା କଥା ଗଣମାଧ୍ୟମକୁ ପ୍ରକାଶ କରିଥିଲେ ।

# ସୁମନ୍ତ କୁମାର ଜେନାଙ୍କୁ ଅଟଳ ପ୍ରକୃତି ମିତ୍ର ସମ୍ମାନ




ବାଲେଶ୍ୱର , ୨୯/୦୭ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ମହାନ୍ ରାଷ୍ଟ୍ର ନାୟକ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି ଓଡିଶା ଦ୍ୱାରା ଆୟୋଜିତ ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତି ମାନଙ୍କୁ ଅଟାଳ ପ୍ରତିଭା ସମ୍ମାନ -୨୦୨୫ ରେ ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରାଯାଇଛି ।ଏହି ଉତ୍ସବର ପ୍ରଥମ ଅଧିବେଶନରେ ବାଲେଶ୍ୱରରୁ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନାଙ୍କୁ ସମ୍ମାନ ଜନକ ଅଟଳ ପ୍ରକୃତି ମିତ୍ର ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ମାନ୍ୟବର ସ୍କୁଲ୍ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ମାନ୍ୟବର ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଶ୍ରୀ ଜେନାଙ୍କୁ ଉତ୍ତରୀୟ, ମାନ ପତ୍ର ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଓ ଶ୍ରୀ ଜେନା ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଜଣେ ସୁନାମଧନ୍ୟ ବ୍ୟକ୍ତିତ୍ୱ । ସାମ୍ପ୍ରତିକ ସ୍ଥିତିରେ ସେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଭଳି ମହତ୍ କାର୍ଯ୍ୟରେ ସକ୍ରିୟ ରହିବା ସହିତ ସମାଜର ଅବହେଳିତ, ଦୁସ୍ଥ ନିରାଶ୍ରୟ, ଅଭାବୀ ମଣିଷ ମାନଙ୍କୁ ଯଥା ସାଧ୍ୟ ସାହାଯ୍ୟ ସହଯୋଗରେ ହାତ ବଢ଼ାଇ ଥାନ୍ତି । ପୁଣି ରକ୍ତଦାନ ମହାପୁଣ୍ୟ ଆହ୍ୱାନରେ ଯୋଡି ହୋଇ ରକ୍ତ ସଂଗ୍ରହ ଅଭିଯାନରେ ଜଣେ ଅଗ୍ର ସେନାନୀ ହୋଇ ସାରା ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି ।ତାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ତାଙ୍କୁ ପୂର୍ବରୁ ରାଜ୍ୟ ସରକାର , ଜିଲ୍ଲା ତଥା ରାଜ୍ୟରେ ଅନେକ୍ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧିତ ହୋଇ ନିଜର ପ୍ରତିକ୍ରିୟାରେ ଶ୍ରୀ ଜେନା କହିଛନ୍ତି ଯେ ଏହା ମୋର କୃତୀତ୍ୱ ନୁହେଁ ଏହା ମୋ ମାଟିର କୃତୀତ୍ୱ । ଏହା ଜଣାପଡିବା ପରେ ଶ୍ରୀ ଜେନାଙ୍କ ନିକଟକୁ ଜିଲ୍ଲାରୁ ତଥା ଜିଲ୍ଲା ବାହାରୁ ବହୁ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି ।

# ଡିଆରଏମ ଭାବେ ଯୋଗ ଦେଲେ ଆଲୋକ ତ୍ରିପାଠୀ

ଖୋର୍ଦ୍ଧା, ୨୯/୦୭ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ନୂତନ ଡିଆରଏମ ଭାବେ ୧୯୯୮ ବ୍ୟାଚର ଭାରତୀୟ ରେଳବାଇ ଟ୍ରାଫିକ୍ ସେବାର ବରିଷ୍ଠ ଅଧିକାରୀ ଆଲୋକ ତ୍ରିପାଠୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଡିଆରଏମ ଏଚ୍.ଏସ୍. ବାଜୱାଙ୍କ ଠାରୁ ଶ୍ରୀ ତ୍ରିପାଠି ଦାୟିତ୍ୱ ଗ୍ରହଣ କରିଛନ୍ତି । ରେଳମଣ୍ଡଳର ସମସ୍ତ ବିଭାଗର କର୍ମଚାରୀ ମାନେ ଶ୍ରୀ ତ୍ରିପାଠିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶ୍ରୀ ତ୍ରିପାଠୀ ନୂଆଦିଲ୍ଲୀର ରେଳବାଇ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବରେ କାର୍ଯ୍ୟ କରୁଥିଲେ । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବଳିଷ୍ଠ କ୍ୟାରିଅର ସହିତ, ସେ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର : ୩୬ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଜୟପୁର, ୨୯/୦୭ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଠାରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ରହି ୨୭ଟି ବ୍ୟକ୍ତିଗତ ଓ ୯ ଟି ଗୋଷ୍ଠିଗତ ମୋଟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ । ଜିଲାପାଳ ଶ୍ରୀ ମହାଜନ ଦାୟିତ୍ୱ ନେବା ପରେ ଆଜି ପ୍ରଥମ ଅଭିଯୋଗ ଶୁଣାଣିରେ ଜୟପୁରରେ ଉପସ୍ଥିତ ରହି ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ଜୟପୁର ନଗରିକ କମିଟି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା, ମୁଖ୍ୟ ଡାକ ଘରେ ରେଳ ଟିକେଟ କାଉଣ୍ଟର ସହ ଅସରେଲେଟର ଲଗାଇବା, ରାତ୍ର ରାକାଳିନ ଡାକ ବୁକିଂ କାଉଂଟର ସ୍ଥାପନା କରିବା, ଟାଙ୍କୁଆ ଠାରୁ ରେଳ ଷ୍ଟେସନ ଯାଏ ଟାଉନ ବସ ଚଳପ୍ରଚଳ କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଜୟପୁର ପୌପାଳିକାରେ ଦେବା, ମହିଳାଙ୍କ ପାଇଁ ଟୟଲେଟ ନିର୍ମାମ କରିବା ନେଇ କମିଟିର ସଭାପିତି ବିନୋଦିନି ସାନ୍ତା ପାତ୍ର, ସମ୍ପାଦକ ଜି. ଭେଙ୍କଟ ରେଡ୍ଡି, ଜିଭି ରାଓ, ସାନ ଚୈଧୁରି, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବି କରିଥିଲେ । ସେହିପରି ପୁରୁଣା ଫାୟାର ଷ୍ଟେସନ ଘୋଡାଶାଳ ପଡିଆରେ ସଂନ୍ଧ୍ୟା ହୋଇଗଲେ ଆସମାଜିକ ଲୋକଙ୍କ ଆଡ୍ଡା ସୁଲି ପାଲଟିଛି । ତେଣୁ ପାଚେରି ସହ ଗେଟ ନିର୍ମାଣ କରିବାକୁ ୧୦ ବର୍ଷ ହେବ ଦାବି ହୋଇଛି । ହେଲେ ଆଜି ସୁଦ୍ଧା କାର୍ଯ୍ୟ ହୋଇପାରିନାହିଁ ତେଣୁ କରିବା ପାଇଁ କୃଷ୍ଣ କେଶବ ଷଡଙ୍ଗୀ ଦାବି କରିଥିଲେ । ଜୟପୁର ସହରରେ ସ୍କୁଲ ଓ ମନ୍ଦିର ନିକଟରେ ମାଛ ମାଂସ ବିକ୍ରି ହେଉଛି । ତେଣୁ ଏହାକୁ ବନ୍ଦ କରିବାକୁ ମଧ ଶ୍ରୀ ଷଡଙ୍ଗୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ । ସେହିପିରି ମୁଣ୍ଡିଗୁଡା ବାରିଣିପୁଟ ପଂଚାୟତର ଓସିସି କଲୋନି ୨ ଶହ ପରିବାର ଘରଡିହ ନିମନ୍ତେ ଦାବି କରିଥିଲେ । ବିଗତ ୫୦ରୁ ଉର୍ଦ୍ଧ୍ୱ ସମୟ ବିତି ଗଲାଣି ଏହି କୋଲନିରେ ବସବାସ କରିଥିବା ବେଳେ ପାୱାର ହାଉସ ପ୍ରକଳ୍ପ ତିଆରି ପୂର୍ବରୁ କୁଲି ମଜୁରୀ କରି ଜୀବନ ନିର୍ବାହ କରୁଛନ୍ତି । ବର୍ତମାନ ସୁଦ୍ଧା ସମସ୍ତ ହିତାଧିକାରିଙ୍କୁ ସରକାରଙ୍କ ତରଫରୁ ଘରଡିହ ପଟ୍ଟା ମିଳି ନାହିଁ ଓ୨୦୧୯ ମସିହାରେ ୨୫୦ ଜଣ ହିତାଧିକାରି ନିମନ୍ତେ ସରକାରଙ୍କ ନିକଟରେ ଘରଡିହ ନିମନ୍ତେ ଗୁହାରି କରାଯାଇଥିଲା । କିନ୍ତୁ ସରକାର ମାତ୍ର ୪୯ ପରିବାରଙ୍କୁ ଘରଡିହ ପଟ୍ଟା ୬ ମାସ ପୂର୍ବରୁ ୨ ସେଂଟ ଲେଖାଏଁ ଗୋଟିଏ ପରିବାରକୁ ପ୍ରଦାନ କରିଥିଲେ । କିନ୍ତୁ, ବଳକା ୨ ଶହ ପରିବାର ନିମନ୍ତେ ଘରଡିହ ମିଳିବ ବୋଲି ସରକାର ପ୍ରତିଶୃତି ଦେଇଥିଲେ ।

# ଚରଦିଆ ପଂଚାୟତରେ ବାଣିଜ୍ୟ ବିଭାଗ ୨କୋଟି ଟଙ୍କାର କାର୍ଯ୍ୟକୁ ନେଇ ଅଭିଯୋଗ : ଜିଲ୍ଲାପାଳଙ୍କ କ୍ଷେତ୍ରୀୟ ତଦନ୍ତ ଦାବି

ଭଦ୍ରକ, ୨୯/୦୭ (ନି.ପ୍ର): ଚରଦିଆ ପଂଚାୟତରେ ବନ୍ଦର ଏବଂ ବାଣିଜ୍ୟ ବିଭାଗର ବିଭାଗ ତରଫରୁ ହେଉଥିବା ୨କୋଟି ଟଙ୍କାର କାର୍ଯ୍ୟକୁ ନେଇ ପଂଚାୟତବାସୀ ଅଭିଯୋଗ ଆଣିଛନ୍ତି । ଏହି କାର୍ଯ୍ୟର ତଦନ୍ତ କରାଯିବ ବୋଲି ଭଦ୍ରକ ଜିଲ୍ଲାପାଳ ଆଶ୍ୱସନା ଦେବା ପରେ ଅଂଚଳବାସୀଙ୍କୁ ଆଶ୍ୱସ୍ତି ମିଳିଛି । ପ୍ରାପ୍ତ ଖବରରୁ ଜଣାଯାଇଛି ଚରଦିଆ ପଂଚାୟତ ନିମତଳା ଜେଟି ଠାରୁ ରାଜରାଜେଶ୍ୱର ପଲ୍ଲୀ ପର୍ଯ୍ୟନ୍ତ ଏକ କାର୍ଯ୍ୟ କରାଯାଉଥିବା ବେଳେ ଏହାର ଆକଳନ ମୂଲ୍ୟ ୨କୋଟି । ଏକ ଢଳେଇ ରାସ୍ତା ନିମତଳା ଜେଟୀ ପାଖରୁ ଆରମ୍ଭ ହୋଇ ରାଜରାଜେଶ୍ୱର ପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣଧୀନ ଥିବା ବେଳେ ଏହି ରାସ୍ତାକୁ ସପୋର୍ଟ ଦେବା ପାଇଁ ୨ ପାର୍ଶ୍ୱରେ ପାଚେରୀ ମଧ୍ୟ ନିର୍ମାଣ କରାଯାଇଥିଲା । ମାତ୍ର ଏହି ରସ୍ତା ଏବଂ ପାଚେରୀ ନିର୍ମାଣ ଶେଷ ପୂର୍ବରୁ ପାଚେରୀଟି ଗୋଟିଏ ପାର୍ଶ୍ୱକୁ ଢଳି ପଡିଥିଲା । ଏହି କାର୍ଯ୍ୟ ନିମ୍ନ ମାନର ବୋଲି ଚରଦିଆ ପଂଚାୟତବାସୀ ଅଭିଯୋଗ ଆଣିଥିଲେ ମଧ୍ୟ ବନ୍ଦର ଏବଂ ବାଣିଜ୍ୟ ବିଭାଗର କନିଷ୍ଠଯନ୍ତ୍ରୀ ଏହି କଥାକୁ କୌଣସି ଗୁରୁତ୍ୱ ଦେଇ ନଥିଲେ । ଫଳରେ ଢଳି ଯାଇଥିବା ପାଚେରୀକୁ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଟଣକ ଦେଇ ପୁନଶ୍ଚ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ଚରଦିଆ ପଂଚାୟତବାସୀଙ୍କ କଥାକୁ ବିଭାଗୀୟ ଅଧିକାରୀ ଯଥା କନିଷ୍ଠଯନ୍ତ୍ରୀ, ସହକାରୀଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ କୌଣସି ଗୁରୁତ୍ୱ ନ ଦେବାରୁ ଆଜି ଚରଦିଆ ପଂଚାୟତ ସରପଂଚ ନିରୁପମା ମାଝୀ ଏବଂ ପଂଚାୟତବାସୀ ଭଦ୍ରକ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଚାନ୍ଦବାଲି ବ୍ଲକରେ ଚାଲିଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ଉପସ୍ଥିତ ରହି ନିକଟରେ ଏହି ରାସ୍ତାର ପୁନଃ ନିର୍ମାଣ ଦାବୀ କରିଥିଲେ । ମାତ୍ର ଏହି ଯୁଗ୍ମ ଜନଶୁଣାଣୀରେ ବନ୍ଦର ଏବଂ ବାଣିଜ୍ୟ ବିଭାଗର କେହି ପଦାଧିକାରୀ ଉପସ୍ଥିତ ନଥିବାରୁ ଭଦ୍ରକ ଜିଲ୍ଲାପାଳ ଏହି ବିଭାଗର ସେକ୍ରେଟାରୀଙ୍କ ସହ କଥା ହେବା ସହ ବିଭାଗର ନିର୍ଦ୍ଦେଶକଙ୍କ ସହ କଥା ହୋଇ ଚାଲିଥିବା କାର୍ଯ୍ୟର କ୍ଷେତ୍ରୀୟ ତଦନ୍ତ କରିବାକୁ କହିଥିଲେ । ଏହି ନିମ୍ନ ମାନର କାର୍ଯ୍ୟର ସୁସମାଧାନ ନ ହେଲେ ଆଗାମୀ ଦିନରେ ଚରଦିଆ ପଂଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଂଚ ନିରୁପମା ମାଝୀ ଚେତାବନୀ ଦେଇଛନ୍ତି ।

# ଗୋବିନ୍ଦତୋଳା ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ସମ୍ବଲପୁର, ୨୯/୦୭ (ନି.ପ୍ର): ସମ୍ବଲପୁର ସହରର ଅନ୍ୟତମ ଆକର୍ଷଣୀୟ ଦୁର୍ଗାପୂଜା ଆୟୋଜନ କରିଆସୁଥିବା ଗୋବିନ୍ଦତୋଳା ଦୁର୍ଗାପୂଜା କମିଟିର ସାଧାରଣ ବୈଠକ କମିଟିର ପୂର୍ବତନ ସଭାପତି ପ୍ରଦୀପ ପାଢ଼ୀଙ୍କ ସଭାପତିତ୍ୱରେ ତାଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କମିଟିର ସକ୍ରିୟ ସଦସ୍ୟ ତଥା ଅନ୍ୟତମ ପୃଷ୍ଠପୋଷକ ସୁନୀଲ ମହାପାତ୍ର (ଟୁକୁ)ଙ୍କ ଅକାଳ ବିୟୋଗରେ ସଦସ୍ୟ ମାନଙ୍କ ଦ୍ୱାରା ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷିରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବରିଷ୍ଠ ସଦସ୍ୟ ମାନେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ପରେ ପରେ କମିଟିର କୋଷାଧ୍ୟକ୍ଷ ଦିଲୀପ ଠାକୁର, ପୂର୍ବ ବର୍ଷର ଆୟ-ବ୍ୟୟର ହିସାବ ପ୍ରଦାନ କରିଥିଲେ । ଚଳିତ ବର୍ଷ ଦୁର୍ଗାପୂଜାକୁ ଅନ୍ୟବର୍ଷ ଭଳି ମହାସମାରୋହରେ ଆୟୋଜନ କରିବା ପାଇଁ ବୈଠକରେ ବିଭିନ୍ନ ଯୋଜନାର ଖସଡା ପ୍ରସ୍ତୁତ କରାଯାଇଥିଲା । ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କର ସର୍ବସମ୍ମତି କ୍ରମେ ଚଳିତ ବର୍ଷ ପାଇଁ ପ୍ରଦୀପ କୁମାର ପାଢ଼ୀଙ୍କୁ ପୁନର୍ବାର ସଭାପତି, ସଞ୍ଜୟ ସାହୁ ଓ ଶ୍ରୀକାନ୍ତ ପଣ୍ଡା ଉପସଭାପତି, ଅଜୟ କୁମାର ସାହୁ ସାଧାରଣ ସମ୍ପାଦକ, ସହ ସମ୍ପାଦକ ଭାବରେ ରାଜକିଶୋର ପୁରୋହିତ, ପ୍ରସନ୍ନ କୁମାର ପାଢ଼ୀ ଓ ଅଭିଳାଷ ସ୍ୱାଇଁ, କୋଷାଧକ୍ଷ ଭାବେ ରମାକାନ୍ତ ବରିହା, ସହ କୋଷାଧକ୍ଷ ଭାବେ ଦିଲୀପ କୁମାର ଠାକୁରଙ୍କୁ ଚୟନ କରାଯାଇଛି ।

# ପ୍ରେମଚାନ୍ଦଙ୍କ ଭାରତୀୟ କୃଷି ଦର୍ଶନ



ଡକ୍ଟର ଲକ୍ଷ୍ମଣ ସାହୁ

ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ ଯେକୌଣସି ଆନ୍ଦୋଳନ, କଳା ଓ ଛାତ୍ରବୃତ୍ତିରେ ମଧ୍ୟବିତ୍ତ ଶ୍ରେଣୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ମଧ୍ୟବିତ୍ତ ବର୍ଗର ଗୋଟିଏ ଅଂଶ ସରକାରଙ୍କ ସମର୍ଥକ ଓ ଅନ୍ୟଟି ଆନ୍ଦୋଳନର ଆବଶ୍ୟକତାର ସମର୍ଥକ । ଏହି ଦ୍ୱିତୀୟ ଅଂଶ ଆଦର୍ଶଗତ ପରିସ୍ଥିତି ସୃଷ୍ଟି କରିବାରେ ଏହାର ଭୂମିକା ଗ୍ରହଣ କରେ । କିନ୍ତୁ ସର୍ବଦା ଏକ ଆନ୍ଦୋଳନ ଆରମ୍ଭ କରିବାର ଦାୟିତ୍ୱକୁ ଏଡାଇ ଦିଆଯାଏ । ଏହା କେବଳ ପୁରୁଣା ଓ ବ୍ୟାପକ ହେଲେ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରେ । ପ୍ରେମ ଚାନ୍ଦଙ୍କ ପୁସ୍ତକ ପଢ଼ିବା ପରେ ମନେହେଲା ପ୍ରେମଚାନ୍ଦ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଉଚ୍ଚ ବର୍ଗର ଉଦାସୀନତାରେ କେବଳ ବିରକ୍ତ ନଥିଲେ, ବରଂ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, ପ୍ରତାରଣା, ସାମନ୍ତବାଦୀ ଶୋଷଣ, ମଧ୍ୟବର୍ତ୍ତୀ ଶ୍ରେଣୀ ପ୍ରତି ଶ୍ରେଣୀ ବୈଷମ୍ୟ ଉଚ୍ଚ ବର୍ଗର ଉଦାସୀନତା ଓ ନିରପେକ୍ଷତାରେ ଅବିଚାର ମଧ୍ୟ ଅସନ୍ତୁଷ୍ଟ ଥିଲେ ।

୧୯୩୬ ମସିହାରେ ପ୍ରେମଚାନ୍ଦ ତାଙ୍କ ପ୍ରବନ୍ଧ 'ମହାଜନୀ ସଭାତା'ରେ ଲେଖିଛନ୍ତି ଯେ 'ମାନବ ସମାଜକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ବଡ଼ ଭାଗ ହେଉଛି ସେମାନଙ୍କର ଯେଉଁମାନେ ମରିଯାଆନ୍ତି ଓ ବହୁତ କମ୍ ଅଂଶ ହେଉଛି ସେମାନଙ୍କର ଯେଉଁମାନେ ନିଜର ଶକ୍ତି ଓ ପ୍ରଭାବ ଦ୍ୱାରା ବୃହତ ସମ୍ପ୍ରଦାୟକୁ ନିୟନ୍ତ୍ରଣ କରନ୍ତି । ସେମାନଙ୍କର ଏହି ବଡ଼ ଅଂଶ (ଯେଉଁମାନେ ମୃତ୍ୟୁ ଯାଆନ୍ତି ଓ ଗ୍ରାସ କରନ୍ତି) ପ୍ରତି କୌଣସି ସହାନୁଭୂତି ନାହିଁ, କୌଣସି ଅନୁକମ୍ପା ନାହିଁ। ସେମାନଙ୍କର ଅସ୍ତିତ୍ୱ କେବଳ ଝାଳ ବୁହାଇବା, ସେମାନଙ୍କର ମାଲିକଙ୍କ ପାଇଁ ରକ୍ତପାତ କରିବା ଓ ଚୁପଚାପ୍ ଏହି ଦୁନିଆରୁ ବିଦାୟ ନେବା ପାଇଁ ।

ଏହି ଉକ୍ତିରୁ ପ୍ରେମଚାନ୍ଦଙ୍କ ମୌଳିକ ସାମାଜିକ ଚିନ୍ତା କ'ଣ ଥିଲା ତାହା ସ୍ପଷ୍ଟ । ସେ ଭଲ ଭାବରେ ବୁଝିପାରିଥିଲେ ଯେ ସମାଜର ଏକ ଉଚ୍ଚ ବର୍ଗର ଦୁଃଖ ପାଇଁ ଦାୟୀ ଲୋକମାନେ, ଅର୍ଥାତ୍ ବହୁଜନ ସମାଜ, ଯେଉଁମାନେ ସେମାନଙ୍କ ଉପରେ ଶାସନ କରୁଥିଲେ ଓ ସେମାନଙ୍କୁ ଶୋଷଣ କରୁଥିଲେ, ସେମାନେ କେବଳ କିଛି ପୁଞ୍ଜିପତି, ଜମିଦାର, ବ୍ୟବସାୟୀ ନଥିଲେ, ବରଂ ବ୍ରିଟିଶ ଶାସନରେ ସାମିଲ ଥିଲେ । ଉଚ୍ଚ ଜାତିର ନିମ୍ନ ମଧ୍ୟବିତ୍ତ/ ମଧ୍ୟବିତ୍ତ ବର୍ଗ (ଚାକର) ମଧ୍ୟ ସମାନ ଭାବରେ ଦୋଷୀ ଥିଲେ । କୃଷକ, ଶ୍ରମିକ, ଦଳିତ ବର୍ଗ କେବଳ ଶୋଷିତ ଓ ଖରାପ ଅବସ୍ଥାରେ ନଥିଲେ, ବରଂ ଏକ ସମ୍ପୂର୍ଣ୍ଣ ଅସହାୟ ଓ ନିୟନ୍ତ୍ରିତ ଦାସତ୍ୱରେ ମଧ୍ୟ ଜୀବନଯାପନ କରୁଥିଲେ ।

ମନେହୁଏ ପ୍ରେମଚାନ୍ଦଙ୍କ ପୂର୍ବରୁ, ହିନ୍ଦୀ ସାହିତ୍ୟରେ କେହି ଉଭୟ ବର୍ଗକୁ ସ୍ପଷ୍ଟ ଭାବରେ ଚିହ୍ନଟ କରି ନଥିଲେ । ଗୋଟିଏ ପଟେ ସାମ୍ରାଜ୍ୟବାଦୀ ବ୍ରିଟିଶ କବ୍ଜା ଥିଲା , ସେହିପରି ଅନ୍ୟପଟେ ସାମନ୍ତବାଦୀ ଶୋଷଣର ଶୀର୍ଷ ଥିଲା । ଗୋଟିଏ ପଟେ ଦେଶକୁ ବ୍ରିଟିଶଙ୍କ ପ୍ରଭୁତ୍ୱରୁ ମୁକ୍ତ କରିବା ପାଇଁ ଏକ ଆନ୍ଦୋଳନ ଚାଲିଥିଲା, ଅନ୍ୟପଟେ ଜମିଦାର ଓ ପୁଞ୍ଜିପତିଙ୍କ ବିରୋଧରେ ବିରୋଧ କିମ୍ବା ପ୍ରତିରୋଧରେ କୌଣସି ବିଦ୍ରୋହ ସ୍ୱରସଙ୍ଗତ ରୂପ ନେଉ ନଥିଲା । ଅଧିକାଂଶ ମଧ୍ୟବିତ୍ତ ବର୍ଗ ଡିଜି ଶାସନକୁ ସମର୍ଥନ କରିଥିଲେ । କାରଣ ସେମାନେ ବିଳାସପୂର୍ଣ୍ଣ ସାମଗ୍ରୀ, କିଛି ଅଧିକାର ଓ ଅହଂକାରର ମିଥ୍ୟା ପ୍ରଦର୍ଶନରେ ସାଧାରଣ ଗର୍ବ ଅନୁଭବ କରୁଥିଲେ ।

୧୯୨୧ ମସିହାରେ ପ୍ରେମଚାନ୍ଦ ତାଙ୍କ ଅନ୍ୟ ଏକ ଲେଖା (ଅସହଯୋଗ ଆନ୍ଦୋଳନ ଏବଂ ଗାନ୍ଧୀଜୀଙ୍କ ପ୍ରଭାବରେ) 'ସ୍ୱରାଜକୁ ସମର୍ଥନ ଓ ବିରୋଧ କରୁଥିବା ବ୍ୟବସ୍ଥା' ଶୀର୍ଷକରେ ଲେଖିଥିଲେ ଯେ 'ଶିକ୍ଷିତ ସମ୍ପ୍ରଦାୟ ସର୍ବଦା ସରକାରଙ୍କ ଉପରେ ନିର୍ଭରଶୀଳ । ତେଣୁ ସେମାନେ ହିଁ ପ୍ରଶାସନିକ ହୋଇ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କ ସ୍ୱାର୍ଥରେ ସରକାର ଦକ୍ଷ ରହିବା ଓ ସେମାନେ ନିଜେ ସରକାରଙ୍କ ଅତ୍ୟାଚାର (ଅତ୍ୟାଚାର, ସ୍ୱେଚ୍ଛାଚାରିତା ଓ ଅରାଜକତା)ରେ ଅଂଶଗ୍ରହଣ କରିବା । ଇତିହାସରେ ଏପରି ଘଟଣାର ଅଭାବ ନାହିଁ , ଯେତେବେଳେ ଶିକ୍ଷିତ ବର୍ଗ ନିଜ ସ୍ୱାର୍ଥ ପାଇଁ ଦେଶ ଓ ଦେଶକୁ ବଳିଦାନ ଦେଇଛନ୍ତି । ଏହି ସମ୍ପ୍ରଦାୟ ବିଭୀଷଣ ଓ ଈଶ୍ୱରଙ୍କ ସେବକମାନଙ୍କରେ ପରିପୂର୍ଣ୍ଣ । ପ୍ରତ୍ୟେକ ଜାତି ସର୍ବଦା ଚାଷୀ କିମ୍ବା ଶ୍ରମିକଙ୍କ ଦ୍ୱାରା ରକ୍ଷା ପାଇଛି ।' ଏହି ନିଷ୍କର୍ଷ ଆଜି ମଧ୍ୟ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ । ୧୯୧୯ ମସିହାରେ 'ଜମାନା'ରେ ସେ ଏକ ଲେଖା ଲେଖିଥିଲେ ଯେଉଁଥିରେ ସେ କହିଥିଲେ ଯେ ଏହି ଦେଶରେ ୧୦ ପ୍ରତିଶତ ଚାଷୀ କିଷାନ ସଭା ନାହିଁ । ୧୯୨୫ ମସିହାରେ କିଷାନ ସଭା ଗଠିତ ହୋଇଥିଲା ।

ପ୍ରେମଚାନ୍ଦ ବିଶ୍ୱାସ କରନ୍ତି ଯେ 'କୃଷକଙ୍କ ଦୁଃଖଦ ଜୀବନ ପରିବର୍ତ୍ତନ ଦ୍ୱାରା ହିଁ ଦେଶର ଚେହେରା ବଦଳିବ ।' ବ୍ରିଟିଶ ଶାସନରେ, ଦାରିଦ୍ର୍ୟ, ଶ୍ରମିକ ଓ କୃଷକଙ୍କ ଅବସ୍ଥା ସମାଜର ଅନ୍ୟ ଯେକୌଣସି ଅଂଶ ପରି ଖରାପ ଓ ଖରାପ ହେଉଛି । ତାଙ୍କ ପାଇଁ ଜାତୀୟତାବାଦ କିମ୍ବା ସ୍ୱରାଜ ହେଉଛି ଏକ ବିଶାଳ କୃଷକ ଜାଗରଣର ସ୍ୱପ୍ନ, ଯାହା ମାଧ୍ୟମରେ ଏକ ଭେଦଭାବ ଓ ଶୋଷଣ ମୁକ୍ତ ସମାଜ ବାଛି ହେବ ।' ତାଙ୍କ ନିଜ ଭାଷାରେ - ଆମେ ଯେଉଁ ଜାତୀୟତାବାଦର ସ୍ୱପ୍ନ ଦେଖୁଛୁ ସେଥିରେ ଶ୍ରେଣୀର ଗନ୍ଧ ମଧ୍ୟ ରହିବ ନାହିଁ । ଏହା ଆମର ଶ୍ରମିକ ଓ କୃଷକମାନଙ୍କର ସାମ୍ରାଜ୍ୟ ହେବ । ପ୍ରେମଚାନ୍ଦ ଭଲ ଭାବରେ ବୁଝିଥିଲେ ଯେ ଭାରତରେ ସବୁଠାରୁ ଖରାପ ଅବସ୍ଥା ଚାଷୀ ଓ ଶ୍ରମିକମାନଙ୍କର । ଗୋଟିଏ ପଟେ ଜମିଦାର ଶୋଷଣ ଓ ଅନ୍ୟ ପଟେ ପୁଞ୍ଜିପତି, ଶିଳ୍ପପତି ତଥା ମଝିରେ ସୁଧଖୋର ମହାଜନ ଅଛନ୍ତି ।

ଦେଖିବାକୁ ଗଲେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ପ୍ରେମଚାନ୍ଦ ଗ୍ରାମୀଣ ଭାରତ ଓ କୃଷକଙ୍କ ଦୁର୍ଦ୍ଦଶା ବିଷୟରେ ଲେଖିଥିଲେ, 'ତୁମେ ଯେଉଁଠାକୁ ଚାହିଁବ, ସେଠାରେ ପୁଞ୍ଜିପତିମାନଙ୍କ ମଧ୍ୟରେ ଏକ ଜାତି ଅଛି । କୃଷକଙ୍କ ଚାଷ ସେମାନଙ୍କର କଳା ଦ୍ୱାରା ନଷ୍ଟ ହୋଇଯାଉଛି । ଆଜି ମଧ୍ୟ ପରିସ୍ଥିତି ବଦଳି ନାହିଁ । କୃଷକ, କୃଷି ଶ୍ରମିକ ଓ ଅସଂଗଠିତ ଶ୍ରମିକମାନେ କଷ୍ଟ ପାଉଛନ୍ତି । ସେମାନେ ସଂଘର୍ଷ କରୁଛନ୍ତି ଓ ଭିଜାଆଖିରେ ସ୍ୱପ୍ନ ରଖିଛନ୍ତି । ସେମାନେ ସେହି ଦିନକୁ ଅପେକ୍ଷା କରିଛନ୍ତି, ଯେତେବେଳେ ସେମାନଙ୍କ ଜୀବନରେ କିଛି ଉଜ୍ଜ୍ୱଳତା ଆସିବ ।

କିନ୍ତୁ ସତ୍ୟ ଏହି ଉଦାରୀକରଣର ଏହି ଝଡ଼ରେ, ଦେଶୀ ଓ ବିଦେଶୀ ପୁଞ୍ଜି ମାଲିକମାନେ ସରକାରୀ ନୀତିର କୋଳରେ ନିଜକୁ ଉପଭୋଗ କରୁଛନ୍ତି ଓ ପ୍ରଚୁର ଲାଭ ପାଉଛନ୍ତି । ଏବେ ଗ୍ରାମୀଣ ଭାରତର ମୁହଁ ବଦଳାଇବା ନାମରେ, ଗ୍ରାମୀଣ ଅଞ୍ଚଳକୁ ଭିତ୍ତିଭୂମି ବିକାଶ ନେବା ନାମରେ, ଏହି ମେଣ୍ଟ ଚାଷୀମାନଙ୍କୁ ପୁଞ୍ଜି କରିବାକୁ ଚାହୁଁଛି । ଯଦି ପ୍ରକୃତରେ ଦେଶୀ ଓ ବିଦେଶୀ ପୁଞ୍ଜିର ମେଣ୍ଟ ଯୋଗୁଁ, ଚାଷୀମାନେ ସେମାନଙ୍କର ଜମି ଓ ଚାଷରୁ ସମ୍ପୂର୍ଣ୍ଣ ବିସ୍ଥାପିତ ହୁଅନ୍ତି । ତେବେ କ୍ଷୁଦ୍ର, ମଧ୍ୟମ ଓ ସୀମାନ୍ତ ଗରିବ ଚାଷୀ ନିଶ୍ଚିତ ଭାବରେ ନିଶ୍ଚିହ୍ନ ହୋଇଯିବେ । ଏହା ସହିତ, କୃଷି ଶ୍ରମିକଙ୍କ ବିଶାଳ ସମ୍ପ୍ରଦାୟ କ୍ଷୁଧା, ଦାରିଦ୍ର୍ୟ ଓ ବିସ୍ଥାପନର ଅଧିକ ଗୁରୁତର ଶିକାର ହୋଇଯିବେ ।

ସମାଜରେ ଜୀବିତ ଥିଲେ ମଧ୍ୟ ସେମାନଙ୍କୁ ଜୀବିତ ବୋଲି କୁହାଯିବ ନାହିଁ । କୃଷିର କର୍ପୋରେଟାଇଜେସନ ଯୋଗୁଁ, ଦେଶରେ କୃଷି ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ମିଳିବ । ଯାହାହେଉ, ସେମାନେ ପୂର୍ବରୁ ପ୍ରୋତ୍ସାହନ ପାଉଛନ୍ତି । ପ୍ରକୃତରେ, କୃଷି ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ଚାଷୀମାନଙ୍କୁ ଘୃଣା କରନ୍ତି । ଆମେରିକା ଓ ୟୁରୋପରେ, କମ୍ପାନୀଗୁଡ଼ିକ ଚାଷୀମାନଙ୍କୁ ଚାଷରୁ ବିତାଡିତ କରିଛନ୍ତି । ଫଳାଫଳରୁ ଏହା ସ୍ପଷ୍ଟ ଯେ ୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଆମେରିକାରେ କୃଷକଙ୍କ ସଂଖ୍ୟା ପ୍ରାୟ ଲକ୍ଷ ପରିବାରକୁ ହ୍ରାସ ପାଇଛି । ୟୁରୋପର ୧୫ଟି ଦେଶରେ କେବଳ ୭୦ ଲକ୍ଷ ଚାଷୀ ବାକି ଅଛନ୍ତି । ଏହି ପ୍ରକାରର କୃଷି ମଡେଲ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଚାଷୀମାନଙ୍କୁ କୃଷିରୁ ବାହାର କରିଦିଆଯିବା ଉଚିତ୍ । ଯେତେବେଳେ ଚାଷୀମାନଙ୍କୁ କୃଷିରୁ ବାହାର କରିଦିଆଯିବ, ସେତେବେଳେ କୃଷି ଶ୍ରମିକଙ୍କ ଅବସ୍ଥା ଆହୁରି ଭୟଙ୍କର ହୋଇଯିବ । ଆଜି ଆମେ ଦେଖୁଛେ ଯେ ପ୍ରତିବର୍ଷ ହଜାର ହଜାର ଚାଷୀ ନିଜ ଘର ଛାଡିବାକୁ ବାଧ୍ୟ ହେଉଛନ୍ତି । ଗ୍ରାମାଞ୍ଚଳରେ ଗରିବ ଲୋକମାନେ ଆତ୍ମହତ୍ୟା କରୁଛନ୍ତି । ସେମାନଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି । ଆମେ ସବୁ କେବଳ ନୀରବ ଦର୍ଶକ । ଆମ ପାଇଁ ଚାଷୀ ଆତ୍ମହତ୍ୟା ଭଳି ନକାରାତ୍ମକ ଘଟଣା କେବଳ ଏକ ଖବର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ, ବିଶାଳ ଗ୍ରାମାଞ୍ଚଳ ଓ ଭାରତର ପ୍ରାୟ ଦୁଇ-ତୃତୀୟାଂଶ ଜନସଂଖ୍ୟା ଏକ ବ୍ୟାପକ ମୌଳିକ ପରିବର୍ତ୍ତନ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ୨୦୦୭ ମସିହାର ତଥ୍ୟ ଅନୁଯାୟୀ, ଦେଶର ୫୩୩ ଜଣ କୋଟିପତିଙ୍କ ମୋଟ ସମ୍ପତ୍ତି ୧୨ ଲକ୍ଷ ୩୨ ହଜାର ୧୩୫ କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ, ଦେଶର ୭୭ ପ୍ରତିଶତ ଜନସଂଖ୍ୟା ଅର୍ଥାତ୍ ୮୩ କୋଟି ୬୫ ଲକ୍ଷ ଲୋକଙ୍କର ଦୈନିକ ଆୟ ୨୦ ଟଙ୍କାରୁ କମ୍ । ଏବଂ ଆଜିର ପରିସ୍ଥିତି ଏପରି ଯେ କେବଳ ୧ ପ୍ରତିଶତ ଲୋକ ୭୩ ପ୍ରତିଶତ ପୁଞ୍ଜି ସଂଗ୍ରହ କରିଛନ୍ତି । ବାକି ୨୭ ପ୍ରତିଶତ ପୁଞ୍ଜିର ସବୁଠାରୁ ବଡ଼ ଅଂଶ ମଧ୍ୟ କେବଳ ୫-୭ ପ୍ରତିଶତ ଲୋକଙ୍କ ପାଖରେ ଅଛି । ଆଉ ବାକି ଲୋକମାନେ ଗରିବ ।

ଦେଶରେ ସମ୍ପତ୍ତିର ଏପରି ଅସମାନ ବଣ୍ଟନ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ । ବରଂ ସାମାଜିକ ଅନ୍ୟାୟର ଏକ ସୀମା ରହିବାକୁ ବାଧ୍ୟ କରେ । ଅସମାନ ଆର୍ଥିକ ପରିସ୍ଥିତି ଯୋଗୁଁ, ଦେଶର ସମ୍ପତ୍ତିକୁ ନ୍ୟାୟସଙ୍ଗତ ଭାବରେ ବଣ୍ଟନ କରାଯିବା କ'ଣ ଆବଶ୍ୟକ ନୁହେଁ ? ଦେଶର ଜନସଂଖ୍ୟାର ୯ ପ୍ରତିଶତ ଆଦିବାସୀ ଓ ଜନଜାତି । ସେମାନେ ଦେଶର ମୋଟ ଭୌଗୋଳିକ କ୍ଷେତ୍ରର ୧୫ ପ୍ରତିଶତରେ ବାସ କରନ୍ତି । ଏମାନେ ପର୍ବତ, ଜଙ୍ଗଲ ଏପରିକି ପ୍ରକୃତିର କୋଳରେ ବାସ କରୁଥିବା ଦୀନହୀନ ଥିଛଲୋକ । ସେମାନେ ଯେଉଁ ଅଞ୍ଚଳରେ ବାସ କରନ୍ତି ସେଗୁଡ଼ିକ ଖଣିଜ ସମ୍ପଦ, ଉଦ୍ଭିଦ, ମୂଲ୍ୟବାନ ପଥର ଓ ବନ୍ୟ ପ୍ରାଣୀରେ ପରିପୂର୍ଣ୍ଣ ।

ଦେଶରେ ମୋଟ ୭୦୦ ଜନଜାତି ଅଛନ୍ତି । ସରକାରଙ୍କ ନୀତି ଯୋଗୁଁ ୭୦ ଜନଜାତି ବିଲୁପ୍ତ ହେବାକୁ ବସିଛନ୍ତି । ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରାକୃତିକ ସମ୍ପତ୍ତିର ଅଂଶୀଦାର ନୁହଁନ୍ତି , ବରଂ କେବଳ ନୀରବ ଦର୍ଶକ ହୋଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ତଥା ଜନଜାତିଙ୍କୁ ବିସ୍ଥାପିତ କରି ଶିଳ୍ପ ସ୍ଥାପନ ନାମରେ ବହୁରାଷ୍ଟ୍ରୀୟ କମ୍ପାନୀ, ଦେଶୀ ଓ ବିଦେଶୀ ମେଣ୍ଟର ଘରୋଇ କମ୍ପାନୀ ଓ କର୍ପୋରେଟ୍ ହାଉସଗୁଡ଼ିକୁ ସେମାନଙ୍କର ଜମି ଦେଉଛନ୍ତି । ବିସ୍ଥାପିତ ଲୋକଙ୍କ ପୁନର୍ବାସ ପାଇଁ କୌଣସି ସମ୍ମାନଜନକ ଓ ଅର୍ଥପୂର୍ଣ୍ଣ ଯୋଜନା ନାହିଁ ।

ଅଧିକାଂଶ ରାଜ୍ୟ ଭୂମି ସଂସ୍କାରକୁ ଏଡ଼ାଇ ଦିଅନ୍ତି । ଫଳସ୍ୱରୂପ ସମାଜର ଶୋଷିତ ଓ ନିର୍ଯାତିତ । ଯେଉଁମାନେ ଅଧିକାଂଶ ଅନୁସୂଚିତ ଜାତି, ପଛୁଆ ଜାତି ଓ ଜନଜାତିର, ଆଜି ସାମାଜିକ ତଥା ଆର୍ଥିକ ସୀମାକୁ ଠେଲି ହୋଇଯାଇଛନ୍ତି । ଭୂମି ସଂସ୍କାର ମାଧ୍ୟମରେ ଗରିବ ଶ୍ରମିକ ଓ ଗରିବ କୃଷକମାନଙ୍କର ଗ୍ରାମରୁ ସହରକୁ ସ୍ଥାନାନ୍ତରଣକୁ ରୋକାଯାଇପାରିବ । ଏକ ଆକଳନ ଅନୁଯାୟୀ ଆଜି ପ୍ରତିବର୍ଷ ଜନସଂଖ୍ୟାର ୭ ରୁ ୯ ପ୍ରତିଶତ ଗ୍ରାମରୁ ସହରକୁ ସ୍ଥାନାନ୍ତରଣ କରୁଛନ୍ତି । ଚାଷୀ, କୃଷି ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କୁ ସବୁଠାରୁ କଠିନ ଚ୍ୟାଲେଞ୍ଜ ଦେଇ ଗତି କରିବାକୁ ପଡ଼େ । ଯେତେବେଳେ ଭାରତର କୃଷି କ୍ଷେତ୍ରକୁ କେବଳ ଗ୍ରାମ, କୃଷକ, କୃଷି ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ଦେଇ ସୁରକ୍ଷିତ କରାଯାଇପାରିବ..!!!

+ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦ ୧୫୧୪୭୫

# ସେ ବାପା, ନୁହନ୍ତି ଶ୍ୱଶୁର



ଅନୁପମା ଭୂୟାଁ

ନୂଆ କରି ବିବାହ ପରେ ଶାଶୁ ଘର ଯାଇଥିବା ବୋହୂଟିଏ ପାଇଁ ସେଠାକାର ଚାଲିଚଳଣି, ଆଚାର ବ୍ୟବହାର ସହ ମିଶିବା ପାଇଁ ସମୟ ଲାଗିଥାଏ । ବେଳେ କେତେକ ଭୁଲ ବୁଝାମଣା ପାଇଁ ମଧ୍ୟ ସମ୍ପର୍କ ଖରାପ ହୋଇଥାଏ । ଯାହା ସାରା ଜୀବନ ପାଇଁ ବୋହୂର ଚରିତ୍ରକୁ ଖରାପ ବନାଇଥାଏ । ତେଣୁ ବୋହୂର ଶ୍ୱଶୁରଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଏବଂ କିଛି ଖାସ ମୁହୂର୍ତ୍ତ ବିତାଇବା ନିମନ୍ତେ ଜୁଲାଇ ୩୦ ତାରିଖରେ ପାଳିତ ହୁଏ ଜାତୀୟ ଶ୍ୱଶୁର ଦିବସ । ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଭାବେ ଶ୍ୱଶୁରଙ୍କ ସମ୍ମାନ କରିବା ଆବଶ୍ୟକ । ବାପା ହିସାବରେ ସେ ସବୁବେଳେ ପରିବାରର ମଙ୍ଗଳ କାମନା କରିଥାନ୍ତି । ତେଣୁ ଏହି ଦିବସ ପାଳନ ଅବସରରେ ଶ୍ୱଶୁରଙ୍କୁ ତାଙ୍କ ପ୍ରିୟ ଜିନିଷ ଉପହାର ଭାବେ ଦେଇ ତାଙ୍କ ଠାରୁ ଆଶୀର୍ବାଦ ନିଆଯାଏ । ଆଜିକାଲିର ନୂଆ ପିଢ଼ି ନିଜ ଜୀବନରେ ଏତେ ବ୍ୟସ୍ତ ଯେ ସେମାନଙ୍କ ପାଖରେ ବାପା-ମା ଶାଶୁ ଶ୍ୱଶୁରଙ୍କ ପାଇଁ ସମୟ ନଥାଏ । ତେଣୁ ଏଭଳି କିଛି ସ୍ୱତନ୍ତ୍ର ଦିବସ ପାଳନ ଅବସରରେ ପରିବାର ସହ କିଛି ମୁହୂର୍ତ୍ତ ବିତାଇବା ପାଇଁ ସେମାନେ ସୁଯୋଗ ପାଇଥାନ୍ତି । ଏହା ପରିବାରର ସଦସ୍ୟଙ୍କ ମଧ୍ୟରେ ଭଲପାଇବା ବଢ଼ାଇବାରେ ସହାୟକ ହୋଇଥାଏ ।

ଜୀବନରେ ତେଲ ଲୁଣର ସମୟ ଆହ୍ୱାନ ଭିତରେ ଅନେକ ଝଡ଼ଝଞ୍ଜାକୁ ଘର ଭିତରର ଅମୂଲ୍ୟ ମଣି 'ଘରମଣି' କୁହାଯାଉଥିବା ବୋହୂ ମାନଙ୍କ ଜୀବନ ଚିତ୍ର ଆଜିକା ସମୟରେ ବଡ଼ ଆଶ୍ଚର୍ଯ୍ୟକର ଓ ଅନେକ କ୍ଷେତ୍ରରେ ଚକିତ କଲାଭଳି । ଆପଣ ଏ ଦୁନିଆରେ ଏମିତି ଦୃଶ୍ୟମାନ ବୋହୂ ମାନଙ୍କୁ ଦେଖିବେ ଯେଉଁମାନେ କୁହନ୍ତି, ଢ଼େଙ୍ଗୁରା ପିଟନ୍ତି, ଶ୍ୱଶୁରଙ୍କୁ ସେବା ଭକ୍ତି କରିବାରେ ଆମ ପରି ବୋହୂ ଆଉ ସୃଷ୍ଟିରେ କେହି ନାହାଁନ୍ତି । କିନ୍ତୁ ନିଷ୍ଠୁର ନିୟତିର କାଳ ସମ୍ଭବତଃ ଏହାକୁ ଗ୍ରହଣ କରିନଥାଏ । ମିଛ ଅଭିନୟ ଯେ ଭଗବାନଙ୍କ ଦୁନିଆରେ ନିଷ୍ଠୁର ସତ୍ୟ ତାହା ସେହି ଶ୍ୱଶୁରଙ୍କ ଜୀବନରେ ମଧ୍ୟ ଶେଷ ପରିଣତି ହୋଇଗଲା । ଜୀବନର ଶେଷ ମୁହୂର୍ତ୍ତରେ ଶ୍ୱଶୁରଙ୍କୁ ଦେଖିବାର ସୁଯୋଗ, ଭାଗ୍ୟ ସେ ବୋହୂଟିର ନଥିଲା । ଜୀବନରେ ଏପରି ଶ୍ୱଶୁର ପ୍ରେମୀ ମିଛ କାନ୍ଦଣା ଓ ଚମତ୍କାର ଅଭିନୟ କରୁଥିବା ବୋହୂ ମାନଙ୍କର ଅନେକ ଦୃଷ୍ଟାନ୍ତ ରହିଛି । ଜୀବନରେ ଏମିତି ବୋହୂଙ୍କୁ ପାଇବେ ଯିଏ ଗୋଟିଏ ପଟେ ଶ୍ୱଶୁର ତାଙ୍କ ପାଇଁ ଭଗବାନଙ୍କ ଠାରୁ ଉଚ୍ଚତର ଭାବେ ଗ୍ରହଣ କରନ୍ତି । ଅନ୍ୟପଟେ ଶ୍ୱଶୁରଙ୍କୁ ଅତି ନିଷ୍ଠୁର ଓ ନିର୍ମମ ଆଚରଣ ଓ ଉଚ୍ଚାରଣ ବି ଦେଖାଇ ପାରନ୍ତି । କେବଳ ସେତିକି ନୁହେଁ ଆଜିକା ସମୟରେ ଭାରତର ନ୍ୟାୟିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଫୁ କିନା ଉଡେଇ 'ଗୁଣୀ'କୁ ବିଶ୍ୱାସ କରୁଥିବା ଆଧ୍ୟାତ୍ମିକ ଭାବଧାରାର ବୋହୂ ମାନଙ୍କୁ ବି ଆମେ ସମାଜରେ ଦେଖୁଛୁ । ସତରେ କି ଅଦ୍ଭୁତ ରୂପଧାରୀ ଏହି ତଥାକଥିତ ବୋହୂମାନେ !! ଠାକୁରଙ୍କୁ କୁଣ୍ଢାଇ ଶ୍ୱଶୁରଙ୍କ ପାଦ ପୂଜା କରି ଦ୍ୱିତୀୟ ଭଗବାନ ଭାବି କେବଳ ସୋସିଆଲ ମିଡ଼ିଆ ଆଉ ଲୋକମାନଙ୍କୁ ଭଲ ପ୍ରଦର୍ଶିତ କରାଯାଇପାରେ । ଅନ୍ୟବର୍ଗର ବୋହୂ ହୁଏତ ସେ ବିଦ୍ୟାର ଅଧିକାରୀ ନହୋଇପାରନ୍ତି କିନ୍ତୁ କଥାରେ ନାହିଁ 'ତୁଣ୍ଡ ବାଇଦ ସହସ୍ର କୋଷ', ସେମାନେ ନିଜର ଶ୍ୱଶୁରଙ୍କ ପ୍ରତି ଅଭିନୟକୁ ସୋସିଆଲ ମିଡ଼ିଆରେ ସେହି ତୁଣ୍ଡ ବାଇଦର ସାହାଯ୍ୟ ନିଅନ୍ତି । ଏହି ଆଲୋଚନା ଭିତରେ ଅନ୍ୟଏକ ବର୍ଗର ବୋହୂକୁ ଦେଖନ୍ତୁ ଯିଏ ହୁଏତ ଶ୍ୱଶୁରଙ୍କ ଉପସ୍ଥିତିରେ ବେଦୀ ବିଧାନର ବିବାହ ନହୋଇପାରିଥାନ୍ତି ଘରର ସେ କିନ୍ତୁ ସେହି ବୋହୂ ଯାହାଙ୍କ ସ୍ୱୟଂ ସାରସ୍ୱତ ସାଧନାର ପବିତ୍ରତା ଓ କଳାଦକ୍ଷତାକୁ ଶ୍ୱଶୁର ଆପ୍ରାଣ ଭଲ ପାଇଛନ୍ତି ଓ ତାହାତାଙ୍କ ଶେଷ ଜୀବନରେ ଅତ୍ୟନ୍ତ ସୌଭାଗ୍ୟମୟ ଭାବେ ପ୍ରାପ୍ତ ହୋଇଛି ଶ୍ୱଶୁରଙ୍କ ଆଶୀର୍ବାଦ । ଶ୍ୱଶୁରଙ୍କ ପ୍ରତି ତାଙ୍କ ଆବେଗ, ଭକ୍ତି ସମର୍ପଣ ହୁଏତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହେଁ କିନ୍ତୁ ସେହି ନିୟତି ଏଠି ନିଷ୍ଠୁର ହୋଇନି, ନିର୍ମମ ହୋଇନି ବରଂ ଆଶୀର୍ବାଦମୟ ହୋଇ ତାଙ୍କୁ 'ଗୋବର ପାଣି' ପକାଇବାର ଗୌରବ ଓ ଅହୋଭାଗ୍ୟ ପ୍ରଦାନ କରିଛି ।

ଶ୍ୱଶୁର ହେଉଛନ୍ତି ଘର ଛାଡ଼ିଥିବା ଗୋଟିଏ ଅପରିଚିତ ଝିଅ ପାଇଁ ସ୍ୱୟଂ ବାପା । ଅନେକ ଶ୍ୱଶୁର ରହିଛନ୍ତି ଯେଉଁମାନେ ନିଜ ପୁଅକୁ ସାଥ ଦେଇନାହାନ୍ତି ବରଂ ଧର୍ମରାଜ ଭାବେ, ରକ୍ଷାକର୍ତ୍ତା ଭାବେ, ହିମାଳୟ ପରି ବୋହୂର ସାଥ୍ ଦେଇଛନ୍ତି, ଜୀବନ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଭୟ ବର ପ୍ରଦାନ କରି ଠିକ ନିଜ ବାପର ଧର୍ମ ତୁଲାଇଛନ୍ତି । କାଳେ କାଳେ ଏପରି ଯଶସ୍ୱୀ ଅନେକ ଶ୍ୱଶୁର ଅଛନ୍ତି ସେମାନେ କିନ୍ତୁ ଏହି ତଥାକଥିତ ସୋସିଆଲ ମିଡ଼ିଆରେ ପ୍ରଚାରିତ ନୁହଁନ୍ତି କିନ୍ତୁ କିଛି ଦୁର୍ଭାଗା ପୁଅ ଥାଆନ୍ତି ଯେଉଁମାନେ ସେହି ଶ୍ୱଶୁର ଯିଏ କି ସେହି ଦୁର୍ଭାଗାଙ୍କ ପିତା ହୋଇଥାନ୍ତି ତାଙ୍କୁ ଭଲ ଭାବେ ସୋସିଆଲ ମିଡ଼ିଆରେ ପ୍ରଚାରିତ କରନ୍ତି ଯେ ସେ ତାଙ୍କ ପିତାଙ୍କର ଜଣେ ଶ୍ରେଷ୍ଠ ପୁତ୍ର ଥିଲେ । ଶ୍ୱଶୁର ଦିବସରେ ଆମ ସମସ୍ତଙ୍କ ଭିତରେ ସେହି ବାପାଙ୍କ ପାଖରେ ମଥାନତ ପ୍ରଣାମ ଜଣାଉଛି । ଆଜକୁ ଆଠମାସରୁ ଉର୍ଦ୍ଧ୍ୱ ହୋଇଯିବ ମୋ ଶ୍ୱଶୁର ଏ ଦେହ, ମାଟି ଛାଡ଼ି ଚାଲିଯାଇଛନ୍ତି କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ମୋ କଣ୍ଠରେ ମୋ ଜୀବନରେ ତାଙ୍କ ପ୍ରିୟତମ ସାଇ ଭଜନ ଗୁଡ଼ିକ ଥିବ ସେ ସଦାକାଳ ମୋ ପାଖରେ ହିଁ ଥିଲେ, ଅଛନ୍ତି ଓ ରହିଥିବେ... ।

'ସାଇବିଥି' ୭ଡ଼ି/ ୧୩୫୪, ସେକ୍ଟର-୯, ସିଡିଏ, କଟକ

# ଆଦିବାସୀ ଜୀବନ ଚଳଣିରେ 'ଲାଲ ବଙ୍ଗଳା'



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଗୋଟିଏ ସଭ୍ୟତାର ପରିଚୟ ହେଉଛି କଳା ଓ ଜୀବନ ଚେତନା । ସଭ୍ୟତା ଯଦି ଏକ ବିରାଟ ବଟବୃକ୍ଷ ହୁଏ ସଂସ୍କୃତି ହେଉଛି ତାର ଚେର । ଯାହା ମାଟିକୁ ଜାବୁଡ଼ି ଧରିଥାଏ ଦୃଢ଼ ଭାବରେ । ପରମ୍ପରା ସେ ବୃକ୍ଷର ଶାଖା ପ୍ରଶାଖା ଓ ଫଳଫୁଲ ସଦୃଶ । ଯାହା ଅନନ୍ତ ଆକାଶ ଯାଏ ପରିବ୍ୟାପ୍ତ । ସଂସ୍କୃତି ତାହାର ଅନ୍ତର୍ନିହିତ ଜୀବନ ସ୍ରୋତ ହେଲେ ପରମ୍ପରା ସେହି ପ୍ରାଣଶକ୍ତିର ଦୃଶ୍ୟମାନ ବର୍ଣ୍ଣାଢ଼୍ୟ ରୂପ । କଳା ଏକ ମାନବୀୟ ଚେଷ୍ଟା ଯେଉଁଥିରେ ମଣିଷ ନିଜ ଜୀବନ ସହ ସାକ୍ଷାତ କରି ଭାବନା ଗୁଡ଼ିକୁ ଜ୍ଞାନପୂର୍ବକ ପ୍ରକଟ କରେ କିଛି ସଂକେତ ଜରିଆରେ । ଏହି ଆବଶ୍ୟକତା ଓ ଚେତନାର ଏକ କଳାତ୍ମକ ରୂପାୟନ । ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ ଭାଷାରେ ତାହାହିଁ କଳା ଯାହା ସତ୍ୟ ଓ ସୁନ୍ଦର ।

ଆଦିବାସୀ ଜୀବନ ଚଳଣୀ ଓ ସଂସ୍କୃତିରେ ଲାଲ ବଙ୍ଗଳା ଅନେକଙ୍କ ପାଇଁ ଏକ ଉତ୍ସୁକତା, ଜିଜ୍ଞାସା ଓ ଅନେକ ଚକିତ କଲାଭଳି ପ୍ରଶ୍ନର ସମ୍ଭବତଃ ଏକ ସୃଷ୍ଟି । ଚକଟିଆ ଭୁଞ୍ଜିଆମାନେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ ଅନ୍ତର୍ଗତ ସୁନାବେଢ଼ା ଅଭୟାରଣ୍ୟରେ ବାସ କରନ୍ତି । ଏମାନେ ସ୍ୱତନ୍ତ୍ର ଶ୍ରେଣୀର ଜନଜାତି ଗୋଷ୍ଠୀ । ଏମାନଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ହ୍ରାସ ପାଉଥିବାରୁ ସରକାର ଏମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀ ଭାବେ ଘୋଷଣା କରିଛନ୍ତି । ନୂଆପଡ଼ା ଜିଲ୍ଲାର କୋମନାରୁ ଭେଲା ଦେଇ ପାଞ୍ଚଟି ପାହାଡ଼ିଆ ଘାଟି ରାସ୍ତା ଅତିକ୍ରମ କରିବା ପରେ ସୁନାବେଢ଼ା ଉପତ୍ୟକା ପଡ଼ିଥାଏ । ପାଟିଡଙ୍ଗର, କେଛ ମଥାନ ଡଙ୍ଗର ଘାଟି, ବଣକିଆମ ଡଙ୍ଗର ଘାଟି, ଗଡ଼ଗଡ଼ା ଡଙ୍ଗରଘାଟି ଓ ସିହନା ଡଙ୍ଗର ଘାଟି ଦେଇ ସୁନାବେଢ଼ା ଉପତ୍ୟକାକୁ ଯିବାକୁ ପଡ଼ିଥାଏ । ଏହି ସୁନାବେଢ଼ା ଉପତ୍ୟକାରେ ବାସ କରନ୍ତି ଚକଟିଆ ଭୁଞ୍ଜିଆ ।

ଭୁଞ୍ଜିଆ ସଂପ୍ରଦାୟର ଆଦିବାସୀ ମାନେ ତିନି ଭାଗରେ ବିଭକ୍ତ । ସେମାନଙ୍କୁ ଚିନ୍ଦା ଭୁଞ୍ଜିଆ, ଚକଟିଆ ଭୁଞ୍ଜିଆ ଓ ଖୋଲାରଝିଆ ଭାବେ ଭିନ୍ନ ଭିନ୍ନ ଭାବରେ ବସବାସ କରନ୍ତି । ଖୁବ କମ ସଂଖ୍ୟକ ରହିଥିବା ଏହି ଚକଟିଆ ଭୁଞ୍ଜିଆଙ୍କୁ ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀ ଭାବେ ତାଙ୍କ ସମ୍ପ୍ରଦାୟରେ ଗଣାଯାଏ । ଓଡ଼ିଶାରେ ସୁନାବେଢ଼ା, ସାନବାହାଲି, କୁକେତ, କୁନାପାନି, ଥାଲିପାନି, ଶାଲେପଡ଼ା, ଗଡ଼ଭଟା ଆଦି ଅଞ୍ଚଳରେ ନିବାସ କରନ୍ତି । ସୁନାବେଢ଼ାର ଘଞ୍ଚ ଓ ଦୁର୍ଗମ ଅଞ୍ଚଳରେ ଏହି ଚକଟିଆ ଭୁଞ୍ଜିଆମାନେ ସମଗ୍ର ବିଶ୍ୱକୁ ଭାଇ ଭଉଣୀର ରାଜ୍ୟର ଭାବେ ବିଶ୍ୱାସ କରନ୍ତି । ସେମାନଙ୍କ ଭାଷାରେ ଏହି ଶବ୍ଦଟି ହେଉଛି 'ଭେ ବହନୀ ରେଜ' । ସେମାନଙ୍କର ବିଶ୍ୱାସ ଓ ପରମ୍ପରା ରହିଛି ଯେ ସର୍ବପ୍ରଥମେ ସୃଷ୍ଟି କର୍ତ୍ତା ଭଗବାନ ସେମାନଙ୍କୁ ହିଁ ପ୍ରଥମେ ସୃଷ୍ଟି କରିଥିଲେ । ସ୍ୱତନ୍ତ୍ର ପ୍ରଣାଳୀ ଓ ଢ଼ଙ୍ଗରଙ୍ଗର ଘର ଚକଟିଆ ଭୁଞ୍ଜିଆ ମାନଙ୍କର ଦେଖାଯାଏ । ସେମାନଙ୍କ ପରିବାରରେ ନିଶ୍ଚିନ୍ତ ଭାବେ ତିନୋଟି ଘର ରହିଥାଏ । ବ୍ୟକ୍ତିଗତ କାର୍ଯ୍ୟ ଓ ଶୋଇବା ପାଇଁ ଗୋଟିଏ ଘର, ଜିନିଷ ପତ୍ର ରଖିବା ପାଇଁ ଅନ୍ୟ ଏକ ଘର ଏବଂ ଏକ ରୋଷେଇ ଘର ମଧ୍ୟ ରହିଥାଏ । କିନ୍ତୁ ଆମ୍ଭ ମାନଙ୍କ ପରି ସେମାନଙ୍କ ରୋଷେଇ ଘର ନୁହେଁ । ଆମେ ପ୍ରଥମରୁ ଆଲୋଚନା କରିଆସୁଥିବା 'ଲାଲ ବଙ୍ଗଳା' ହେଉଛି ଚକଟିଆ ଭୁଞ୍ଜିଆଙ୍କ ପବିତ୍ର ରୋଷେଇ ଘର । ଏହି ଲାଲ ବଙ୍ଗଳା ଭିନ୍ନ ଭାବେ ଓ ସ୍ୱତନ୍ତ୍ର ପରମ୍ପରାକୁ ବିଚାର କରି ମାଟିରେ ନିର୍ମାଣ ହୋଇଥାଏ ଏବଂ ଲାଲ ରଙ୍ଗର ମାଟିରେ ଆକର୍ଷଣୀୟ କାନ୍ଥକୁ ଲିପାପୋଛା କରି ସେଥିରେ ରଙ୍ଗୀନ ଝୋଟି ସବୁ ପକାଇଥାନ୍ତି ।

ଏହି ଲାଲ ବଙ୍ଗଳାରେ ଚକଟିଆ ଭୁଞ୍ଜିଆଙ୍କ ରୋଷେଇ ହେଲେ ମଧ୍ୟ ସେଠାରେ ସେମାନେ ଖାଇ ନଥାନ୍ତି କାରଣ ସେମାନଡଙ୍କ ବିଶ୍ୱାସର ଦେବତା ହେଉଛନ୍ତି ସ୍ୱୟଂ ସେହି 'ଲାଲ ବଙ୍ଗଳା' । ସେମାନଙ୍କ ବିଚାରରେ ଏହି ଲାଲ ବଙ୍ଗଳା ଅତୀବ ପବିତ୍ରତମ ଗୃହ ଯେଉଁଠି ଅନ୍ୟ ଜାତିର ଲୋକମାନଙ୍କର କେବଳ ପ୍ରବେଶ ନିଷିଦ୍ଧ ନୁହେଁ ଏପରିକି ସେମାନେ ଏହାକୁ ଛୁଇଁଦେବା ମାତ୍ରେ ଏହାକୁ ଆମ ଓଡ଼ିଆ ଭାଷାରେ ଛୁଆଁ, ବା ମାରା କୁହାଯାଏ । ତେଣୁ ଏହାକୁ ପୋଡ଼ି ଦିଆଯାଇ ପୁଣି ଥରେ ନୂଆ ଲାଲ ବଙ୍ଗଳା ତିଆରି କରାଯାଏ । ଅନେକହୁଏତ ଜାଣିନଥିବେ ବିବାହିତ ଝିଅ, ନିଜ ଘରର ଝିଅଟି ହୋଇଥିଲେ ମଧ୍ୟ ସେମାନେ ଏହି ଲାଲ ବଙ୍ଗଳାକୁ ପ୍ରବେଶ କରିପାରି ନଥାନ୍ତି । ବାପ ଘର ବୁଲା ସମୟରେ ଝିଅଟି ଘରକୁ ଆସିଥିଲେ ମଧ୍ୟ ତାଙ୍କ ପାଇଁ ଲାଲ ବଙ୍ଗଳା ନିଷିଦ୍ଧ ହୋଇଥାଏ । ଏପରିକି ସେମାନେ ମଧ୍ୟ ଛୁଇଁଦେଲେ ଏହାକୁ ପୋଡ଼ି ଦେବାକୁ ହୋଇଥାଏ । ସେମାନଙ୍କ ଚଳଣୀ ଏପରି ଯେ ମାସିକ ଋତୁସ୍ରାବ ହେଉଥିବା ମହିଳାମାନେ ମଧ୍ୟ ଲାଲ ବଙ୍ଗଳାକୁ ପ୍ରବେଶ କରିପାରି ନଥାନ୍ତି । ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଏହି ଲାଲ ବଙ୍ଗଳା ମନା । ତେବେ ଛୋଟ ଶିଶୁଟି ଜନ୍ମ ହୋଇ ତାର ନାଭି ପଡ଼ିବା ଦିନରୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପ୍ରସୂତୀ ମହିଳାଙ୍କ ପାଇଁ ଲାଲ ବଙ୍ଗଳା ମନା ହୋଇଥାଏ । ପରେ ଗରମ ପାଣିରେ କପଡ଼ା ଧୁଆ ଧୁଇ ହୋଇସାରିବା ପରେ ଯାହାକୁ ସେମାନଙ୍କ ଭାଷାରେ 'କପଡ଼ ଛାର' । ପରେ ସେହି ପ୍ରସୂତୀ ମହିଳା ଅନେକ ରୀତିନୀତି ଅନୁଯାୟୀ ଲାଲ ବଙ୍ଗଳାକୁ ପ୍ରବେଶ କରିବାର ଅନୁମତି ପାଇଥାନ୍ତି ।

କେବଳ ପ୍ରସୂତୀ ମହିଳାଙ୍କୁ ଲାଲ ବଙ୍ଗଳାକୁ ପ୍ରବେଶ ପାଇଁ ମନା କରାଯାଇଥାଏ, ତାହା ନୁହେଁ । ବରଂ ନବଜାତ ଶିଶୁର ପିତାଙ୍କୁ ମଧ୍ୟ ଲାଲ ବଙ୍ଗଳାକୁ ବାରଣ କରାଯାଇଥାଏ । ସାତ ଦିନ ପର୍ଯ୍ୟନ୍ତ ପ୍ରସୂତୀ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଅଲଗା ରଖାଯାଇଥାଏ । ସେମାନଙ୍କୁ କେହି ଛୁଅଁନ୍ତି ନାହିଁ । ସପ୍ତମ ଦିନ ସନ୍ଧ୍ୟାରେ ଶିଶୁର ଜନ୍ମ ସଂସ୍କାର ବିଧି ପାଳନ କରାଯିବା ପରେ ସେମାନଙ୍କୁ ଲାଲ ବଙ୍ଗଳାକୁ ଅନୁମତି ମିଳିଥାଏ । ବୟସ୍କ ଲୋକମାନେ ଉକ୍ତ ସ୍ୱାମୀ ଓ ସ୍ତ୍ରୀକୁ ଆଶୀର୍ବାଦ କରିବା ପରେ ସେମାନେ ଶିଶୁଟିକୁ ଧରି ଲାଲ ବଙ୍ଗଳା ମଧ୍ୟକୁ ପ୍ରବେଶ କରିଥାନ୍ତି । ଲାଲ ବଙ୍ଗଳାରେ ନବଜାତ ଶିଶୁକୁ ପୂର୍ବକୁ ମୁଣ୍ଡ ଏବଂ ପଶ୍ଚିମକୁ ଗୋଡ଼ ରଖି ଶୁଆଇ ଦିଆଯାଏ । ସେତେବେଳେ କିଛି ମହିଳା ଶିଶୁଟିକୁ କହନ୍ତି, 'ଦେଖ ଦେଖ ଇଟା ଖାଲି ଘର, ତୁଇ ଜେନ ଡଙ୍ଗା ଆସିଛୁ କି ଘରକେ ପୁରାଇ ଦେ, ଲାଖ କରି ଜୀଉଁ, ଛେଚି କରି ଦାତୁନ କର, ମାତ୍ଥା ଲସା ଫୁଟୁ ।' ଏହାପରେ ସମସ୍ତେ ଶିଶୁକୁ ଆଶୀର୍ବାଦ କରନ୍ତି । ଏହାପରେ ପିତା, ମାତା ଓ ଶିଶୁଙ୍କୁ ଲାଲ ବଙ୍ଗଳାକୁ ପ୍ରବେଶ ଅନୁମତି ମିଳିଥାଏ ।

ଭୁଞ୍ଜିଆଙ୍କ ଆବହମାନ ବିଶ୍ୱାସ ଯେ ସେମାନଙ୍କ ସୁନାଦୀ ଦେବୀ ସେମାନଙ୍କ ଲାଲ ବଙ୍ଗଳାର ଅଧିଶ୍ୱେରୀ ଏବଂ ତାଙ୍କ ପୂଜା ସେଇଠି ପ୍ରତିଦିନ ହୋଇଥାଏ । ଚକଟିଆ ଭୁଞ୍ଜିଆ ପରିବାରର ସ୍ନାନ କରିନଥିବା ମହିଳାମାନେ ଏହି ଲାଲ ବଙ୍ଗଳାକୁ ପ୍ରବେଶ ନିଷିଦ୍ଧ । ସେହିପରି ଆଦିବାସୀ ଏବଂ ସେମାନଙ୍କ ସଂପ୍ରଦାୟର ଯେ କେହି ମହିଳା ଉଷୁନା ଚାଉଳର ଭାତ ଖାଉଥିଲେ ସେମାନଙ୍କୁ ଏହି ବଙ୍ଗଳାକୁ ପ୍ରବେଶ ନିଷିଦ୍ଧ । ଦୋକାନ ବଜାରର କିଣା ଚାଉଳ ସେମାନେ ଖାଇ ନଥାନ୍ତି । ତାଙ୍କ ଲାଲ ବଙ୍ଗଳା ପାଖରେ ଏକ ଢ଼ିଙ୍କି ଥାଏ । ଆମ ଓଡ଼ିଆ ଘରର ଢ଼ିଙ୍କିଶାଳ ପରି, ଏହି ଢ଼ିଙ୍କିଶାଳରେ ଚକଟିଆ ଭୁଞ୍ଜିଆ ସ୍ତ୍ରୀଲୋକ ଧାନ ନିଜେ କୁଟି ପରିଷ୍କାର କରି ସେହି ଚାଉଳ ହିଁ ରୋଷେଇ ହୋଇଥାଏ । ଢ଼ିଙ୍କି ରହିଥିବା ଜାଗାଟିକୁ ସେମାନଙ୍କ ଭାଷାରେ 'କୁଟେନଶାଲ' କୁହାଯାଏ ।

ଚକଟିଆ ଭୁଞ୍ଜିଆଙ୍କ ଜୀବନ ବେଶ ସରଳ ଓ ବିଶ୍ୱାସୀ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ଛଟେଇ: ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ଏକ ଆହ୍ୱାନ

ଭାରତୀୟ ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ର, ଯାହା ଦଶନ୍ଧି ଦଶନ୍ଧି ଧରି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ପରିଗଣିତ ହୋଇଆସୁଛି, ବର୍ତ୍ତମାନ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଛି। ଏହାର ସଦ୍ୟତମ ସଙ୍କେତ ହେଉଛି ଦେଶର ସର୍ବବୃହତ ଆଇଟି କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ଦୁଇ ପ୍ରତିଶତ ଅର୍ଥାତ୍ ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାର ଘୋଷଣା । ଏହି ନିଷ୍ପତ୍ତି କେବଳ ଟିସିଏସ୍ କର୍ମଚାରୀଙ୍କ ମଧ୍ୟରେ ନୁହେଁ, ବରଂ ସମଗ୍ର ଆଇଟି ଶିଳ୍ପ ଏବଂ ଏହା ସହିତ ଜଡିତ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏକ ଆଲୋଡ଼ନ ସୃଷ୍ଟି କରିଛି।

ଟିସିଏସ୍ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଏହି ଛଟେଇର ମୁଖ୍ୟ କାରଣ କୃତ୍ରିମ ବୁଦ୍ଧିମତ୍ତା (AI)ର ପ୍ରଭାବ ନୁହେଁ, ବରଂ କମ୍ପାନୀର ବଦଳୁଥିବା ବ୍ୟବସାୟିକ ମଡେଲ ସହିତ କର୍ମଚାରୀଙ୍କ ଦକ୍ଷତାର ଅଭାବ ଏବଂ କେତେକ କର୍ମଚାରୀଙ୍କୁ ନୂତନ ପ୍ରକଳ୍ପରେ ପୁନଃନିୟୋଜିତ କରିବାରେ ଅକ୍ଷମତା । କମ୍ପାନୀର ସିଇଓ କେ. କୃତିଭାସନ୍ ସ୍ପଷ୍ଟ କରିଛନ୍ତି ଯେ ଟିସିଏସ୍ ପାରମ୍ପରିକ 'ୱାଟରଫଲ୍' ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ପଦ୍ଧତିରୁ ଅଧିକ ଗତିଶୀଳ ଏବଂ ଉତ୍ପାଦ-କୈନ୍ଦ୍ରିକ 'ଏଜାଇଲ୍' ମଡେଲକୁ ପରିବର୍ତ୍ତିତ ହେଉଛି । ଏହି ନୂତନ କାର୍ଯ୍ୟପ୍ରଣାଳୀରେ ପାରମ୍ପରିକ ପ୍ରୋଜେକ୍ଟ ଏବଂ ପ୍ରୋଗ୍ରାମ୍ ମ୍ୟାନେଜରମାନଙ୍କର ଆବଶ୍ୟକତା କମିଯାଇଛି, ଯାହା ମୁଖ୍ୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରର କର୍ମଚାରୀଙ୍କୁ ପ୍ରଭାବିତ କରୁଛି । କମ୍ପାନୀ ଦକ୍ଷତା ବିକାଶ ପାଇଁ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇଥିଲେ ମଧ୍ୟ, ବିଶେଷକରି ବରିଷ୍ଠ କର୍ମଚାରୀମାନଙ୍କ ପାଇଁ ନୂତନ ପ୍ରଯୁକ୍ତି-ଭିତ୍ତିକ ଭୂମିକାକୁ ସ୍ଥାନାନ୍ତରିତ ହେବା କଷ୍ଟକର ହେଉଛି । ଏହା ବ୍ୟତୀତ, ଯେଉଁ କର୍ମଚାରୀମାନେ ଦୀର୍ଘ ସମୟ ଧରି କୌଣସି ପ୍ରକଳ୍ପରେ ନିୟୋଜିତ ହୋଇନାହାଁନ୍ତି (ବେଞ୍ଚରେ ଅଛନ୍ତି), ସେମାନେ ମଧ୍ୟ ଏହି ଛଟେଇ ଦ୍ୱାରା ପ୍ରଭାବିତ ହେବେ ।

ଏହି ଘଟଣାକୁ କେବଳ ଏକ କମ୍ପାନୀର ଆଭ୍ୟନ୍ତରୀଣ ପୁନର୍ଗଠନ ଭାବରେ ଦେଖିବା ଏକ ଭୁଲ ହେବ । ଏହା ବାସ୍ତବରେ ଭାରତୀୟ ଆଇଟି କ୍ଷେତ୍ରରେ ଦେଖାଯାଉଥିବା ଏକ ବୃହତ୍ତର ପ୍ରବଣତାର ପ୍ରତିଫଳନ । ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା, ମୁଖ୍ୟ ବଜାର ଯଥା ଆମେରିକା ଏବଂ ୟୁରୋପରେ ଚାହିଦା ହ୍ରାସ ଏବଂ କ୍ଲାଏଣ୍ଟମାନଙ୍କ ଦ୍ୱାରା ଖର୍ଚ୍ଚ କାଟ ଯୋଗୁଁ ଭାରତୀୟ ଆଇଟି କମ୍ପାନୀଗୁଡିକ ଚାପର ସମ୍ମୁଖୀନ ହେଉଛନ୍ତି । ଏକଦା କୋଭିଡ୍-୧୯ ମହାମାରୀ ପରେ ଦେଖାଯାଇଥିବା ଦ୍ରୁତ ନିଯୁକ୍ତି ପ୍ରକ୍ରିୟା ବର୍ତ୍ତମାନ ମନ୍ଥର ହୋଇଯାଇଛି। ଅନେକ କମ୍ପାନୀ ନୂତନ ନିଯୁକ୍ତିକୁ ସୀମିତ କରୁଛନ୍ତି ଏବଂ କେତେକ କ୍ଷେତ୍ରରେ ବେତନ ବୃଦ୍ଧିକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଜେଫ୍ରିଜ୍ ଭଳି ବିନିଯୋଗ ସଂସ୍ଥାମାନେ ମତ ଦେଇଛନ୍ତି ଯେ ଚାହିଦା ଦୁର୍ବଳ ଥିବାରୁ ଏବଂ କଷ୍ଟ-ଅପ୍ଟିମାଇଜେସନ୍ ପ୍ରକଳ୍ପଗୁଡ଼ିକରେ AIe ବ୍ୟବହାର ବଢୁଥିବାରୁ, ଯେଉଁ କମ୍ପାନୀଗୁଡିକ ବଜାରରେ ନିଜର ଅଂଶ ବଢାଇବାରେ ଅସମର୍ଥ ହେବେ, ସେମାନଙ୍କୁ ଛଟେଇର ଆଶ୍ରୟ ନେବାକୁ ପଡିପାରେ ।

ଟିସିଏସର ଏହି ପଦକ୍ଷେପର ପ୍ରଭାବ କେବଳ ଆଇଟି କ୍ଷେତ୍ର ମଧ୍ୟରେ ସୀମିତ ରହିବ ନାହିଁ । ଏହାର ପ୍ରଭାବ ଅର୍ଥନୀତିର ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରଗୁଡିକରେ ମଧ୍ୟ ଅନୁଭୂତ ହେବ, ବିଶେଷକରି ରିଅଲ ଇଷ୍ଟେଟ୍ ବଜାରରେ । ବେଙ୍ଗାଲୁରୁ, ପୁଣେ, ହାଇଦ୍ରାବାଦ ଏବଂ ଚେନ୍ନାଇ ଭଳି ପ୍ରମୁଖ ଆଇଟି ହବ୍‌ଗୁଡ଼ିକରେ ଘରର ଚାହିଦା ମୁଖ୍ୟତଃ ଆଇଟି କର୍ମଚାରୀଙ୍କ ଉପରେ ନିର୍ଭରଶୀଳ। ଛଟେଇ ଏବଂ ଚାକିରିର ଅନିଶ୍ଚିତତା ଯୋଗୁଁ ଅନେକ କର୍ମଚାରୀ, ବିଶେଷକରି ଯେଉଁମାନେ ନିଜର କ୍ୟାରିୟରର ମଧ୍ୟଭାଗରେ ଅଛନ୍ତି, ସେମାନେ ନୂଆ ଘର କିଣିବା ଯୋଜନାକୁ ସ୍ଥଗିତ ରଖିପାରନ୍ତି । ଏହାଦ୍ୱାରା ପ୍ରିମିୟମ୍ ଏବଂ ମଧ୍ୟମ ବର୍ଗର ଆବାସିକ ସମ୍ପତ୍ତିର ବିକ୍ରି ହ୍ରାସ ପାଇବାର ଆଶଙ୍କା ରହିଛି । କେତେକ ରିପୋର୍ଟ ଅନୁଯାୟୀ, ବେଙ୍ଗାଲୁରୁର କିଛି ଅଞ୍ଚଳରେ ଘର ଭଡ଼ା ମଧ୍ୟ ହ୍ରାସ ପାଇବା ଆରମ୍ଭ ହୋଇଛି, ଯାହା ବଜାରରେ ଚାହିଦା କମିବାର ସ୍ପଷ୍ଟ ସଙ୍କେତ ଦେଉଛି। ଏହି ପରିସ୍ଥିତି ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ମଧ୍ୟ ସତର୍କ କରାଇ ଦେଇଛି, ଯେଉଁମାନେ ଆଇଟି କର୍ମଚାରୀଙ୍କୁ ଗୃହ ଋଣ ଦେବା କ୍ଷେତ୍ରରେ ଅଧିକ ସାବଧାନତା ଅବଲମ୍ବନ କରିପାରନ୍ତି ।

ଏହି ସମସ୍ୟା ଏକ ବ୍ୟାପକ ଆହ୍ୱାନକୁ ସାମ୍ନାକୁ ଆଣୁଛି: ଭାରତୀୟ ଶ୍ରମ ବଜାରକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା । ଆଇଟି ଶିଳ୍ପର ଚାହିଦା ବର୍ତ୍ତମାନ ସାଧାରଣ କୋଡିଂ ଏବଂ ଟେଷ୍ଟିଂ ଭୂମିକାରୁ ବାହାରି ସାଇବର ସିକ୍ୟୁରିଟି, କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ସାଇନ୍ସ ଏବଂ ଏଆଇ ଭଳି ବିଶେଷଜ୍ଞତା ଆଡକୁ ଗତି କରୁଛି । ତେଣୁ, କେବଳ କମ୍ପାନୀମାନଙ୍କ ପାଇଁ ନୁହେଁ, ବରଂ ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ପାଇଁ ମଧ୍ୟ ଏହା ଏକ ଆହ୍ୱାନ ଯେ ସେମାନେ କିପରି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବେ ଏବଂ କର୍ମଚାରୀମାନଙ୍କୁ ନିରନ୍ତର ଭାବରେ ପୁନଃପ୍ରଶିକ୍ଷିତ (reskilling) ଏବଂ ଉନ୍ନତ ଦକ୍ଷତା (upskilling) ପ୍ରଦାନ କରିବେ । ଯଦିଓ ଟିସିଏସର ଛଟେଇ ନିଷ୍ପତ୍ତି ବର୍ତ୍ତମାନ ପାଇଁ ଚିନ୍ତାଜନକ, ଏହା ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି । ଏହା ସ୍ପଷ୍ଟ କରୁଛି ଯେ ପ୍ରଯୁକ୍ତିର ଦ୍ରୁତ ପରିବର୍ତ୍ତନ ସହିତ ତାଳ ଦେଇ ନ ଚାଲିଲେ, କେବଳ କମ୍ପାନୀ ନୁହେଁ ବରଂ କର୍ମଚାରୀମାନେ ମଧ୍ୟ ପଛରେ ପଡ଼ିଯିବେ । ଏହି ପରିବର୍ତ୍ତନଶୀଳ ପରିବେଶରେ ଖାପ ଖୁଆଇବା ଏବଂ ନିଜକୁ ନିରନ୍ତର ଭାବରେ ଅପଡେଟ୍ କରିବା ହିଁ ସଫଳତାର ଚାବିକାଠି ହେବ । ଏହି ପରିବର୍ତ୍ତନ କେବଳ ଆଇଟି କ୍ଷେତ୍ରର ଭବିଷ୍ୟତ ନିର୍ଦ୍ଧାରଣ କରିବ ନାହିଁ, ବରଂ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ମଧ୍ୟବିତ୍ତ ଶ୍ରେଣୀର ସ୍ଥିରତା ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପକାଇବ।

# ଜଗଜ୍ଜନନୀ ଶ୍ରୀମତୀ ଷୋଡ଼ଶୀବାଳା ଦେବୀ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ। ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟ ରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା - ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାଙ୍କେଡ଼ି ନାହିଁ - ପଚାରିଲେ ଶାଶୁଦେବୀ - 'ବୋହୂମା' କାନର ମାଙ୍କେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ, ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ, ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି ।

ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚ୍ଚାରିତ ହୋଇଥିଲା - 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା' ।



ଆଜକୁ ବହୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ ।

ପ୍ରତିଋତ୍ୱିକ ଓ ଅବସର ପ୍ରାପ୍ତ
ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭

# ଆମ ପର୍ବ ପର୍ବାଣି ଏବଂ ରୀତିନୀତି



## ବିଷ୍ଣୁ ପ୍ରସାଦ ଦାସ

ଆଦିମ କାଳରୁ ସନାତନ ଧର୍ମ ପ୍ରଚଳିତ, ସତ କହିବାକୁ ଗଲେ ପୃଥିବୀର ସର୍ବ ପୁରାତନ ଧର୍ମ ଏହି ସନାତନ ଧର୍ମ । ଅନ୍ୟ ଯେତେ ସବୁ ଧର୍ମ ରହିଲା ସେଗୁଡିକର ଉତ୍ପତ୍ତି ମୂଳତଃ ସନାତନ ଧର୍ମରୁ ବୋଲି ବିଶ୍ୱାସ କରାଯାଏ । ପୃଥିବୀର ଜନସଂଖ୍ୟା ୮୨୦ କୋଟି ଟପିଲାଣି କିନ୍ତୁ ହିନ୍ଦୁ ବା ସନାତନ ଧର୍ମାବଲମ୍ବୀ ମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ୨୦୨୪ ମସିହାର ଆକଳନ ଅନୁଯାୟୀ ପୃଥିବୀରେ ପ୍ରାୟ ୧୧୨ କୋଟି ହିନ୍ଦୁ ଅଛନ୍ତି, ହିନ୍ଦୁ ମାନେ ପ୍ରତିମା ପୂଜାରେ ବିଶ୍ୱାସ କରନ୍ତି ଏବଂ ୩୩ କୋଟି ଦେବା ଦେବୀ ଥିବା କଥା ହିନ୍ଦୁ ଧର୍ମ ଗ୍ରନ୍ଥରେ ଲେଖା ଅଛି ବୋଲି ଶୁଣିବାକୁ ମିଳେ । ସାଧାରଣତଃ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜା ଠାରୁ ସନାତନ ଧର୍ମାବଲମ୍ବୀ ମାନଙ୍କର ପାର୍ବଣ ଋତୁ ଆରମ୍ଭ ହୋଇ ବିଦ୍ୟା ଦାୟିନୀ ମା' ସରସ୍ୱତୀଙ୍କ ପୂଜା ପର୍ଯ୍ୟନ୍ତ ଅନେକ ପୂଜା, ପାର୍ବଣ ବେଶ ଜାକଜମକ ରେ ପାଳିତ ହୋଇ ଆସୁଛି । ତନ୍ମଧ୍ୟରୁ ରଥ ଯାତ୍ରା, ଦୁର୍ଗାପୂଜା, କାଳୀପୂଜା / ଦୀପାବଳୀ, କାର୍ତ୍ତିକେଶ୍ୱର ପୂଜା, ଶୀତଳ ଷଷ୍ଠୀ, ନୂଆଁଖାଇ ସହିତ ବାଲିଯାତ୍ରା ଇତ୍ୟାଦି ଅନେକ ଆଡମ୍ବରରେ ସାଜସଜ୍ଜା ସହିତ ପାଳନ କରାଯିବାର ପରମ୍ପରା ରହି ଆସିଛି । ଏହାଦ୍ୱାରା ସ୍ନେହ, ସହାନୁଭୂତି ଏବଂ ଭାତୃଭାବ ବଢିଥାଏ, କର୍ମମୟ ଜଂଜାଳ ଭିତରେ ମନୁଷ୍ୟକୁ ଭକ୍ତି ଭାବନା ମାର୍ଗ ଦିଗକୁ ଆକର୍ଷିତ କରିଥାଏ ।

ନିଷ୍ଠାର ସହିତ ପୂଜାର୍ଚ୍ଚନା କରିବା, ନିଜର ପରମ୍ପରାକୁ ଉଦ୍ଜୀବିତ କରିବା ସହିତ ନୂତନ ପିଢ଼ିକୁ ସତ୍ ମାର୍ଗରେ ପରିଚାଳିତ କରିବା ପରି ଅନେକ କିଛି ସୁନ୍ଦର, ଯୁଗୋପଯୋଗୀ ସମାଜର କଲ୍ୟାଣ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରାଯାଇ ଥାଏ । ହିନ୍ଦୁ ମାନେ ନିଜର ଇପ୍ସିତ ଭକ୍ତି ଭାବନାକୁ ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ମାଧ୍ୟମରେ ସେହି ପରମାତ୍ମାଙ୍କ ପାଖକୁ ପ୍ରେରିତ କରିଥା'ନ୍ତି, ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ନିର୍ମାଣ ପରେ ନିଷ୍ଠାର ସହିତ ମୂର୍ତ୍ତିରେ ଦେବା ଦେବୀଙ୍କୁ ଆବାହନ କରି ପ୍ରାଣ ପ୍ରତିଷ୍ଠା କରାଯାଏ ତତ୍ପରେ ବିଧି ବିଧାନ ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୁଏ ଓ ନିର୍ଦ୍ଧାରିତ ସମୟରେ ବିସର୍ଜନ କରା ହୁଏ, ଭକ୍ତର ଧାର୍ମିକ ଭାବନା, ଅନ୍ତର୍ନିହିତ ଭାବାବେଗ ତଥା ବିସର୍ଜନ ହୋଇଥିବା ପ୍ରତିମାଙ୍କୁ ସସମ୍ମାନେ ଶୋଭା ଯାତ୍ରାରେ ଜଳାଶୟ ପର୍ଯ୍ୟନ୍ତ ନିଆ ଯିବାର ଦୃଶ୍ୟ ଅତୀବ ଆବେଗପୂର୍ଣ୍ଣ । ଅତୀତ ଏବଂ ବର୍ତ୍ତମାନର ପୂଜା ପଦ୍ଧତିକୁ ଯଦି ତର୍ଜମା କରିବା ତେବେ ଆକାଶ ପାତାଳର ପାର୍ଥକ୍ୟ ଦେଖିବାକୁ ମିଳୁଛି । ଅଧିକାଂଶ ସ୍ଥାନରେ ଏବେ ଭକ୍ତି ଶୂନ୍ୟ ଏବଂ ଶକ୍ତି ତଥା ମନୋରଞ୍ଜନ ପୂର୍ଣ୍ଣ ପୂଜା ତଥା ଭସାଣୀ ଉତ୍ସବକୁ ଯୁବ ପିଢ଼ି ଆଦରି ନେଇଛନ୍ତି ।

ପୂଜାର୍ଚ୍ଚନା ନିମନ୍ତେ ଭକ୍ତଙ୍କ ଦାନ, ଭକ୍ତଙ୍କ ଠାରୁ ଜୋର ଜବରଦସ୍ତ ଚାନ୍ଦା, ଭକ୍ତଙ୍କୁ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦୁର୍ବ୍ୟବହାର, ଧର୍ମ ନାମରେ ଅରାଜକତା ତଥା ଭ୍ରଷ୍ଟାଚାର ଆଜି ଆମ ସନାତନ ଧର୍ମକୁ ନିନ୍ଦିତ କରୁଛି ବୋଲି ପ୍ରମାଣିତ । ଏହା ପଛରେ କିଛି ନୀଳବର୍ଣ୍ଣ ଶୃଗାଳ ଜାତୀୟ କର୍ମକର୍ତ୍ତାଙ୍କ ଲୋଭ , ଅନ୍ୟାୟ ଉପାୟରେ ସର୍ବ ସାଧାରଣ ଧର୍ମ କାର୍ଯ୍ୟ ପାଇଁ ଦାନ ଦେଇଥିବା ଅର୍ଥକୁ ହଡପ୍ କରିବାର କୁତ୍ସିତ ଚିନ୍ତା ଧାରା ରହିଥାଏ । ଖାଲି ଆମ ଧର୍ମ ନୁହେଁ ପୃଥିବୀର ଅନେକ ଧର୍ମର ଅବସ୍ଥା ମଧ୍ୟ ଏକା ପରି ପରିଲକ୍ଷିତ ହେଉଛି । କଥାରେ ଅଛି 'ଦୀପ ତେଜିଲେ ହାତ ଚିକ୍କଣ' ତେଣୁ କର୍ମ କର୍ତ୍ତା ହେବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ହୁଏ । ଏପରିକି ପ୍ରତିଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ ମଧ୍ୟ ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଅନେକ ମନ୍ଦିର, ମଠ, ଗୀର୍ଜା, ମସଜିଦ୍, ଗୁରୁଦ୍ୱାରା ପରି ଛୋଟ ବଡ଼ ଧର୍ମର ଟ୍ରଷ୍ଟି ମାନେ ଆଜି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି । ଏମାନଙ୍କ ପାଇଁ ଅଡିଟ୍ ହେବା ତ ଦୂରର କଥା ସେମାନଙ୍କ ଦେହରେ ହାତ ମାରିବାକୁ ସରକାର ମଧ୍ୟ ଭୟ କରନ୍ତି । ଗଚ୍ଛିତ ଥିବା ଅର୍ଥ ସିନ୍ଧୁକ ଭିତରେ ନ' ରଖି ଯଦି ଜନ ହିତକର କାର୍ଯ୍ୟରେ ନିୟୋଜିତ ହୋଇ ପାରନ୍ତା ତେବେ ଜନ ସାଧାରଣଙ୍କ ପାଇଁ ଅନେକ ଶୁଭଙ୍କର ହୁଅନ୍ତା ।

କଥାରେ ଅଛି 'ମାନବ ସେବା ହିଁ ମାଧବ ସେବା'। ମନ୍ଦିର ମସଜିଦ୍, ଗୁରୁଦ୍ୱାରା ଗୁଡିକୁ ରୌପ୍ୟ / ସ୍ୱର୍ଣ୍ଣ ଦ୍ୱାରା ସଜାଇ କ'ଣ ଲାଭ ମିଳିବ ? କେବଳ ଚକ୍ଷୁକୁ ଆକର୍ଷିତ କରିବା ଛଡା ଆଉ କିଛି ନୁହେଁ ବୋଲି ମୋର ନିଜସ୍ୱ ମତ । ଭାରତର ଗୋଟିଏ ବଡ଼ ମନ୍ଦିରରୁ ୧୧୨ କିଲୋ ସୁନା ଗାଏବ୍ ହେବା ଘଟଣା ଯଦି ସତ ହୋଇଥାଏ ତେବେ ବଡ଼ ଦେଉଳର ରତ୍ନ ଭଣ୍ଡାର ଖୋଲା ଗଲା , ମରାମତି ମଧ୍ୟ ହେଲା, ଗଣତି/ମଣତି ପାଇଁ ବର୍ଷ ବର୍ଷ ଧରି ଏତେ ଆଲୋଚନା ସମାଲୋଚନା କାହିଁକି ହେଉଛି ? ଯଥା ଶୀଘ୍ର ଏହି କାର୍ଯ୍ୟ ଶେଷ କରି ସର୍ବ ସାଧାରଣଙ୍କୁ ଜଣାଇବାରେ ସରକାରଙ୍କର ଦ୍ୱିଧା କାହିଁକି ? ଏମାର ମଠରୁ ବାହାରିଥିବା କୁଇଣ୍ଟାଲ୍ କୁଇଣ୍ଟାଲ୍ ରୁପାର ସତ୍ ବ୍ୟବହାର ହୋଇ ପାରୁନାହିଁ କାହିଁକି ? ଯେତେବେଳେ ମନୁଷ୍ୟ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଖାଇବାକୁ ପାଉ ନାହିଁ, ପର୍ଯ୍ୟାପ୍ତ ଶିକ୍ଷା ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ସେତେ ବେଳେ ଧାର୍ମିକ ଅନୁଷ୍ଠାନରେ ଲକ୍ଷ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଥାଇ ଲାଭ କ'ଣ ? ଏସବୁ କାହା ସ୍ୱାର୍ଥରେ ଗଚ୍ଛିତ ଅଛି ? କେବଳ ଧର୍ମର ଦ୍ୱାହିଦେଇ ସାଧାରଣ ଲୋକଙ୍କୁ ଭୟଭୀତ କରି ଆଧିପତ୍ୟ ମେଲାଇ ବସିଥିବା ଗୋଷ୍ଠୀ ଏହାର ଫାଇଦା ନେଉଛନ୍ତି ନା କଣ ? ଦୁର୍ନୀତି ଖୋର୍ ମାନେ ସରକାରୀ ସମ୍ପତ୍ତି, ରାଜସ୍ୱ, ଖାଇ ଖାଇ ଦେବୋତ୍ତର ସମ୍ପତ୍ତି ମଧ୍ୟ ଅନେକ ସ୍ଥାନରେ ଚଳୁ କରି ସାରିଲେଣି । ସଚେତନତାର ଅଭାବ ତଥା ପୂରା କାଳରୁ ଆମ ମାନଙ୍କ ଭିତରେ ଥିବା ଧାର୍ମିକ ଭୟ ଆମ ଗୋଡ଼ରେ ଶିକୁଳି ବାନ୍ଧି ରଖିଛି । ଅନେକେ ଭାବନ୍ତି 'ଆମେ କାହିଁକି କହିବା ଆଉ ଚିହ୍ନା ପଡିବା' ? ଆମ ମାନଙ୍କ ଭିତରେ ଥିବା ଏହି ଭାବନା କିଛି ସ୍ୱାର୍ଥପର ଧର୍ମ ଗୁରୁ ମାନଙ୍କୁ ଧର୍ମ ନାମରେ ଆମକୁ ଶୋଷଣ କରିବାର ଖୋରାକ ଯୋଗାଉଛି । ଅତୀତରେ ବିଦେଶୀ ମହମ୍ମଦ ଗଜନୀଙ୍କ ଦ୍ୱାରା ୧୭ ଥର ସୋମନାଥ ମନ୍ଦିର ଲୁଣ୍ଠନ କ'ଣ ଆମକୁ କିଛି ଶିକ୍ଷା ଦେଇ ନାହିଁ? ସନାତନ ଧର୍ମର ମହତ୍ୱ ଏବଂ ତା'ର ପ୍ରଚାର ପ୍ରସାର ପାଇଁ ବର୍ଷ ସାରା କ'ଣ କୌଣସି ମଣ୍ଡପ/ଟ୍ରଷ୍ଟି/ମନ୍ଦିର/ ମଠ ନିଜଆଡୁ ଆଗ୍ରହ ଦେଖାଉଛନ୍ତି କି ? ଏଇଟା କ'ଣ ସେମାନଙ୍କର କର୍ତ୍ତବ୍ୟ ନୁହେଁ ? କେତେ ଜଣ ହିନ୍ଦୁ ଧର୍ମ ରକ୍ଷକ ଦେଶର ଚାରି କୋଣରେ ଥିବା ଚାରିଜଣ ଧର୍ମ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତ ଗ୍ରହଣ କରି ନିୟମରେ ଚଳୁଛନ୍ତି ? ବର୍ତ୍ତମାନ ସମୟରେ ସରକାର ମଧ୍ୟ ଶଙ୍କରାଚାର୍ଯ୍ୟ ମାନଙ୍କୁ ଅଣ ଦେଖା କରୁଛନ୍ତି ।

ତେବେ, ପାର୍ବଣ ଋତୁ ଆସିଗଲେ ପୂଜା ନାମରେ ଖାଲି ଗୁଡ଼ାଏ ଚାନ୍ଦା ଆଦାୟ କରି ଝଲମଲ ଆଲୋକ, ସାଜସଜ୍ଜା, ଗୁଡ଼ାଏ ସୁନା ରୁପାର ଅଳଙ୍କାର, ମେଢ଼, ମୌଜ ମଜଲିସ କରିବାକୁ ଆଗଭର ହୋଇ ଉଠନ୍ତି କାହିଁକି ? ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥର ସ୍ରୋତ କଣ ? ସରକାର ମଧ୍ୟ ଅନେକ ପୂଜା ମଣ୍ଡପକୁ ଆର୍ଥିକ ସହାୟତା ଦିଅନ୍ତି, ଏହା ପଛରେ ଭାଇଚାରା ଆଳରେ ଭୋଟ ରାଜନୀତି ବନ୍ଧା ହୋଇ ରହିଛି । ରୁପା ପରେ ସୁନା ମେଢ଼ ତା'ପରେ ହୁଏତ ପ୍ଲାଟିନମ୍ ମେଢ଼ ହେବ, ମୂର୍ତ୍ତି ମାନଙ୍କର ଉଚ୍ଚତା ମଧ୍ୟ ବଢି ବଢି ଦିନେ ବୁର୍ଯ୍ ଖାଲିଫା ନ ହେଲେ ହିମାଳୟ ଠାରୁ ଉଚ୍ଚ ହୋଇ ପାରେ, ସେତେବେଳେ ବୋଧ ହୁଏ ପୂଜା ମଣ୍ଡପ ମାନେ ' ପୁନଃ ମୂଷିକ ଭ୍ୱ ' ହୋଇ ଯିବେ ବା ମୂର୍ତ୍ତି ତଳେ ପୋତି ହୋଇ ଯିବେ। ଅବଶ୍ୟ ସବୁ ମଣ୍ଡପ ଏପରି କରି ନ'ଥାନ୍ତି, ଅନେକ ସମ୍ଭ୍ରାନ୍ତ ଶ୍ରେଣୀର ମଣ୍ଡପରେ ଅତ୍ୟନ୍ତ ନିଷ୍ଠାର ସହ ପୂଜା ସମ୍ପନ୍ନ ହୋଇ ଥାଏ, ସେହି ମାନେ ଆଜି ପର୍ଯ୍ୟନ୍ତ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ଏହା ଆମ ପାଇଁ ଗର୍ବର ବିଷୟ ।

ଦେବାଦେବୀ ବିସର୍ଜନ ସମୟରେ ନିଷିଦ୍ଧ ପାନୀୟ ସେବନ କରିଥିବା କିଛି ଉଦ୍ଭ୍ରାନ୍ତ ବ୍ୟକ୍ତି ବିଶେଷଙ୍କ ଦୃଷ୍ଟିକଟୁ ନୃତ୍ୟ ସହିତ ଅର୍ଦ୍ଧ ଉଲଗ୍ନ ଯୁବତୀଙ୍କ ଅଶ୍ଳୀଳ ସଂଗୀତ ନୃତ୍ୟକୁ ଆବାଳ ବୃଦ୍ଧ ବନୀତାଙ୍କ ସମ୍ମୁଖରେ ପରିବେଷଣ କରିବା କେତେଦୂର ଯଥାର୍ଥ ? ଦେବାଦେବୀ କ'ଣ ଏହା ଚାହାନ୍ତି ? ଏହା କ'ଣ ଆମ ପରମ୍ପରା, ଆମ ସଂସ୍କୃତି, ଆମ ଅସ୍ମିତା ? ତାହା ସରକାରଙ୍କ ସହିତ ସୁଧିଜନେ ବିଚାର କରନ୍ତୁ । କଥାରେ ଅଛି ' ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ' ଦିନକୁ ଦିନ ଆମେ ନିଜ ଧର୍ମକୁ ପରୋକ୍ଷରେ ନିମ୍ନରୁ ଅତି ନିମ୍ନ ସ୍ତରକୁ ନେଇ ଯାଉଛୁ ଏଥିରେ ସନ୍ଦେହ ନାହିଁ । ଆଜିକାଲି ପୃଥିବୀର ବିଭିନ୍ନ ଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନେ ସଂଖ୍ୟା ଗରିଷ୍ଠ ମାନଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି ସେଥି ପ୍ରତି ଆମର ନିଘା ନାହିଁ କହିଲେ ଚଳେ । ବର୍ତ୍ତମାନ କିଛି କାଉଡିଆ ମାନେ ଧର୍ମ ନାମରେ ଖୁବ୍ ବେନିୟମ କାର୍ଯ୍ୟରେ ଲିପ୍ତ ହେଉଛନ୍ତି, ମଦ୍ୟ ପାନ, ଗଂଜେଇ ସେବନ, ଡିଜେ ନୃତ୍ୟ ସହିତ ନାରୀ ମାନଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ ମଧ୍ୟ ଖବର କାଗଜ/ଟିଭି ରୁ ଜାଣିବାକୁ ମିଳୁଛି । ବର୍ତ୍ତମାନ ଆମ ଧର୍ମ ସହିତ ମନୋରଞ୍ଜନକୁ ଫେଣ୍ଟି ଦିଆ ଯାଉଛି, ତେଣୁ ଜନତା ଧର୍ମ ଠାରୁ ମନୋରଞ୍ଜନ ଉପରେ ବେଶୀ ଗୁରୁତ୍ୱ ଦେଇ ମଉଜ ମଜଲିସ କରୁଛନ୍ତି, ଆମପାଇଁ ଆଜି ଭକ୍ତି ଠାରୁ ଶକ୍ତି ବେଶୀ ବୋଲି ହୃଦ୍ବୋଧ ହୁଏ ।

ଏବେବି ସମୟ ଅଛି ସନାତନ ଧର୍ମର ପ୍ରଚାର ପ୍ରସାର ଦିଗରେ ଧ୍ୟାନ ଦିଅନ୍ତୁ, ମିଥ୍ୟା ଆଭିଜାତ୍ୟ ତଥା ପାଶ୍ଚାତ୍ୟ ସଂସ୍କୃତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ଲୋକଙ୍କୁ ସମ୍ମାନ ଦେବା ସହିତ ନିଜର ସଂସ୍କୃତି ଉପରେ ଧ୍ୟାନ ଦେବାର ପ୍ରକୃଷ୍ଟ ସମୟ ଉପନୀତ। ଏଠାରେ ଗର୍ବ, ଅହଂକାରର ସ୍ଥାନ ରହିବା ଅନୁଚିତ, ଈଶ୍ୱରଙ୍କ ନିକଟରେ ସମସ୍ତେ ସମାନ, କେହି ବଡ଼ ନୁହନ୍ତି । ଆମର ଶିକ୍ଷା ଆମର ନୈତିକତା, ଆମର ସଂସ୍କୃତି, ଆମର ଜୀବନଶୈଳୀ ପୃଥିବୀରେ ଅନ୍ୟ ବିକାଶଶୀଳ ଦେଶ ମାନଙ୍କ ଠାରୁ କମ୍ ନୁହେଁ । ସମସ୍ତଙ୍କ ପାଇଁ ଜଞ୍ଜାଳ ମୟ ଜୀବନ ମଧ୍ୟରେ କିଛିଟା ଆନନ୍ଦ କରିବା ଅପରିହାର୍ଯ୍ୟ କିନ୍ତୁ ସବୁ ଗୁଡିକ ସୀମା ମଧ୍ୟରେ ସୀମିତ ହେବା ଉଚିତ । କିଛି ବ୍ୟକ୍ତି ଅଯଥା ଗୁଡ଼ାଏ ଫୋଟକା ଫୁଟାଇ, ଡିଜେ ବଜାଇ ପ୍ରଦୂଷଣ କରି ସମାଜର ଅନେକ କ୍ଷତି କରୁଛନ୍ତି, ଯାହାକୁ କି ସରକାରୀ ସ୍ତରରେ ନିୟନ୍ତ୍ରିତ କରି ହେବ। ଶେଷରେ ସବୁ ଧର୍ମକୁ ହୃଦୟରୁ ସମ୍ମାନ ଦେଉଛି ଏବଂ ବିନମ୍ର ଅନୁରୋଧ କରୁଛି କି ଆପଣମାନେ ହୃଦୟରୁ ଚିନ୍ତା କରନ୍ତୁ ଆମେ ଆଜି କେଉଁ ପଥର ପଥିକ ସାଜିଛୁ ? ଏବଂ ଏହି ପଥର ଶେଷ କେଉଁଠି ? ଯଦି କୌଣସି ବ୍ୟକ୍ତି ବିଶେଷ କିମ୍ବା ଧାର୍ମିକ ଅନୁଷ୍ଠାନକୁ ଦୁଃଖ ଦେଲାଭଳି କିଛି ଲେଖିଥାଏ ତେବେ ମୁଁ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛି । ଜୟ ଜଗନ୍ନାଥ ।

ସମ୍ମାନ ସହ,
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

କବିତା କୋଣାର୍କ

## ଚାହିଁ ରହିଛନ୍ତି ସର୍ବେ

### ଭାସ୍କର ରାଉତ



ଓଡ଼ିଆ ଗୁଡ଼ାଙ୍କୁ ଭାବିଛକି ତାଙ୍କୁ
ଅଟନ୍ତି ସେମାନେ ବୋକା
ଅସଲ ବେଳକୁ ଜଗିଥାନ୍ତି ତାକୁ
ମାରିଣ ଚଉକା ଛକା।
ବନାଇ ଦିଏ ଜଳକା,
ଓଡ଼ିଆର ନେତା ଜଗତ କରତା
ନଥାଏ ତା ମନେ ଦକା ॥
ରସଗୋଲା ଦେବୁ ବୋଲି କହି
ବାବୁ
ନାଲିପପ୍ ଦେଇକରି
ପିଟୁଛ ଡିଣ୍ଡିମ ଦେଖ ଆମ କାମ
ବୋଲି ମା'ର ବାହାଦୁରି।
କହିଲ ଶେଜ ମୁତୁରୀ,
ହେଁସକୁ ଧୋଇବୁ ନିର୍ମଳ କରିବୁ
ତାହାକୁ ଦେବୁ ନିବାରି ॥
ହଟିଯିବ କଣ୍ଟା ଭାଙ୍ଗି ଦେବ ଅଣ୍ଟା
କହିଲ ଚିତ୍କାର କରି
ଚଉଡ଼ା ଅଣ୍ଟାକୁ ଦେଖିଣ ତାହାକୁ
ଯାଉଅଛ ବୋଧେ ଡରି।
ଲାଗୁଛି ତ ସେହିପରି,
ହୋଇଥିଲେ ସତ ସରିବ ମହତ
ଓଡ଼ିଆ ଦେବେ ଘୋଷାରି ।
ନପାରିବ ଉଠି ପଡ଼ିଥିବ ସେଠି
ତୁମ ଅଣ୍ଟା ଭାଙ୍ଗି ଦେବେ
ଦେଇଥିବା କଥା ନକରି ଅନ୍ୟଥା
ଅଣ୍ଟାକୁ ଭାଙ୍ଗିବ କେବେ ?
ଓଡ଼ିଆ ପଚାରେ ଏବେ,
ଚିକିତ୍ସାଳୟକୁ ନେବାକୁ ତାହାକୁ
ଚାହିଁ ରହିଛନ୍ତି ସର୍ବେ।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮

## ବର୍ଷାରେ ବର୍ଷା

### ନିରଞ୍ଜନ ସାହୁ

ବରଷା କାଳରେ ବର୍ଷା କଥା ଭାବେ
ଏକାନ୍ତରେ ଟିକେ ବସି
କେମିତି ସମୟ କାଟୁଥିବ ସିଏ
ପାରୁ ନଥିବ ତ ହସି ।

ଦୂର ପ୍ରବାସରେ ବାସ କରେ ମୁହିଁ
ସିଏ ଅଛି ବହୁଦୂରେ
ସିଏ ବି ମୋ ପରି ମୋ କଥା ସୁମରି
ମନେମନେ ମୋତେ ଝୁରେ
କାର୍ଯ୍ୟଭାର ଏତେ ବଢ଼ି ଯାଇଛି ଯେ
ଯାଇପାରୁନି ମୁଁ ଖସି ।

ବରଷା ଲଗାଏ ଦେହ ମନେ ନିଆଁ
ବିଚ୍ଛେଦ ବହୁତ ବାଧେ
କାହିଁକି କେଜାଣି ବରଷା ଆସିକି
ଏତେ ବଡ଼ ଦାଉ ସାଧେ
ନିଜର ମନକୁ ବୁଝାଇ ହେଉନି
ଦାୟିତ୍ୱ ଭିତରେ ପଶି ।

କେମିତି ମୋ ବର୍ଷା ଦିନ କାଟୁଥିବ
ସେହି କଥା ସିଏ ଜାଣେ
ଦୂରଭାଷ ଯନ୍ତ୍ର ବାର୍ତ୍ତାଳାପ କିବା
ମନରେ ସାନ୍ତ୍ୱନା ଆଣେ
ହେ ବରଷା ତୁମେ ନିଷ୍ଠୁର ହୁଅନି
ବହୁଦୂରେ ପ୍ରେମଶଶି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ପୁରୁଷଙ୍କଠୁ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ମହିଳା



କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ । ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ । ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି । ଭ୍ରୂଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି । ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ । ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ । ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ । ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ । ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ । ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ । ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ । ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ । ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ । ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ ।

ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ । ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି । ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ । ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ । ହେଲେ ପ୍ରକୃତରେ ସେମିତି ନୁହେଁ । ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍, ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ ।

ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ । ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ । ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ । ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ । ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ । ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ । ମହିଳାମାନେ ବେଶି ସୋସିଆଲ ନେଟଓ୍ୱାର୍କରେ ରହିଥାନ୍ତି । ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି । ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ । ମହିଳାମାନେ ଘରକାମ ଅଧିକ କରନ୍ତି । ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ । ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି ।

# ଖାଲି ପେଟରେ ଚାଲୁଛନ୍ତି କି ? ଶରୀର ପାଇଁ ହୋଇପାରେ କ୍ଷତି

ନିକଟ ଅତୀତରେ, ଲୋକଙ୍କ ମଧ୍ୟରେ ଫିଟନେସ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ନିୟମିତ ଚାଲନ୍ତି । ଚାଲିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଦୈନିକ ୨୦୦୦ ପାଦ ଚାଲିବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଜନିତ ରୋଗର ଆଶଙ୍କା କମିଯାଏ । କିନ୍ତୁ ଅନେକ ଲୋକ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା କ୍ଷତିର କାରଣ ହୁଏ ।

କିଛି ଲୋକଙ୍କର ଖାଲି ପେଟରେ ଚାଲିବା ଅଭ୍ୟାସ ଥାଏ । କିନ୍ତୁ ଏହି ସମୟରେ, ସାଧାରଣ ଭୁଲ ମଧ୍ୟ ଆପଣଙ୍କୁ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ । ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଖାଲି ପେଟରେ ଚାଲିବା ସମୟରେ କେଉଁ ଭୁଲଗୁଡ଼ିକ ଏଡାଇବା ଉଚିତ, ଯାହା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ନାହିଁ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଦେଖାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ବହୁତ ଦ୍ରୁତ ଗତିରେ ଚାଲିବାକୁ ଚେଷ୍ଟା କରନ୍ତି, ତେବେ ଆପଣଙ୍କ ଶରୀରରେ ଗ୍ଲୁକୋଜର ଅଭାବ ହୋଇପାରେ – ଯାହା ଯୋଗୁଁ ଆପଣ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା କ୍ଳାନ୍ତି ଅନୁଭବ କରିପାରନ୍ତି । ଖାଲି ପେଟରେ ଚାଲିବା ସମୟରେ, ଦ୍ରୁତ ଗତିରେ ଚାଲିବା ପରିବର୍ତ୍ତେ ଧୀରେ ଏବଂ ଆରାମରେ ଚାଲନ୍ତୁ ।

ଚାଲିବା ସମୟରେ ଶରୀରରୁ ଝାଳ ବାହାରିଥାଏ, ଯାହା ଶରୀରରେ ଜଳୀୟାଂଶ ହ୍ରାସ କରିପାରେ । ଯଦି ଆପଣ ଖାଲି ପେଟରେ ଚାଲିଥାନ୍ତି ଏବଂ ପର୍ଯ୍ୟାପ୍ତ ପାଣି ପିଉନାହାଁନ୍ତି, ତେବେ ଡିହାଇଡ୍ରେସନର ଆଶଙ୍କା ବଢ଼ିପାରେ । ଡିହାଇଡ୍ରେସନ ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରର କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ । ତେଣୁ, ଚାଲିବା ପୂର୍ବରୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ । ଏହା ଶରୀରକୁ ହାଇଡ୍ରେଟେଡ ରଖିବ ।

କିଛି ଲୋକ ଖାଲି ପେଟରେ ଚାଲିବା ପରେ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ । ଯେତେବେଳେ ଚାଲିବା ପରେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ ଯାହା ଦ୍ୱାରା ମାଂସପେଶୀ ଏବଂ ଶରୀର ପୁନଃନିର୍ମାଣ ହୋଇପାରିବ । ଯଦି ଆପଣ ଚାଲିବା ପରେ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଶରୀରରେ ପ୍ରୋଟିନ ଏବଂ କାର୍ବୋହାଇଡ୍ରେଟ୍ସର ଅଭାବ ସୃଷ୍ଟି କରିପାରେ । ଚାଲିବା ପରେ ତୁରନ୍ତ ହାଲୁକା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ – ଯେପରିକି ଫଳ, ବାଦାମ, କିମ୍ବା ଦହି, ଯାହା ଦ୍ୱାରା ଶରୀର ଉପଯୁକ୍ତ ପୁଷ୍ଟି ପାଇପାରିବ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଥାଏ, ତେଣୁ ବହୁତ ଲମ୍ବା ଚାଲିବା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଦୀର୍ଘ ସମୟ



ଚାଲିବା ଶରୀର ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ଆପଣଙ୍କୁ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳ ଅନୁଭବ ହୋଇପାରେ ।

# ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ । ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ । ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ । ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ । ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ । ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ । ସବୁବେଳେ ଯୋଗ କଲେ ଭଲ ନିଦ ହୁଏ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ । ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର ।



# ଏହି ୩ ରାଶିର ପୁରୁଷ ଏକାଧିକ ଥର ପଡ଼ିଥାନ୍ତି ପ୍ରେମରେ; ରୋମାଣ୍ଟିକ୍ ସତ୍ତ୍ୱେ ହୃଦୟ ଭାଙ୍ଗେ...





ପ୍ରତ୍ୟେକ ରାଶିର ବ୍ୟକ୍ତିବିଶେଷଙ୍କ ବ୍ୟବହାର ଏବଂ ପସନ୍ଦ-ନାପସନ୍ଦ ଭିନ୍ନ ଭିନ୍ନ । କିଛି ଶାନ୍ତ ସ୍ୱଭାବର ହୋଇଥିବା ବେଳେ କିଛି ବହୁତ ରାଗି । ପ୍ରେମକୁ ନେଇ ମଧ୍ୟ ସବୁ ରାଶିର ସ୍ୱଭାବ ଭିନ୍ନ । କେହି କେହି ଜୀବନକାଳ ଭିତରେ ଥରେ ପ୍ରେମରେ ପଡ଼ିଥିବା ବେଳେ କେହି ଏକାଧିକ ଥର ପ୍ରେମରେ ପଡ଼ିଥାନ୍ତି । ଆଜି ଆମେ ଆଲୋଚନା କରିବା ଏଭଳି ୩ ରାଶି ବିଷୟରେ, ଯେଉଁଥିରେ ଜନ୍ମିତ ପୁଅମାନେ ସବୁଠାରୁ ଅଧିକ ରୋମାଣ୍ଟିକ୍ ହୋଇଥିଲେ ହେଁ ସେମାନଙ୍କ ପ୍ରେମସମ୍ପର୍କ ସ୍ଥାୟୀ ନ ଥାଏ ।

ମେଷ ରାଶି : ଏହି ରାଶିର ପୁଅମାନଙ୍କ ପାଇଁ ଭଲପାଇବା ସବୁକିଛି । ହେଲେ କୌଣସି ନା କୌଣସି କାରଣରୁ ଏମାନଙ୍କ ପ୍ରେମ ସମ୍ପର୍କ ଠିକ୍ ଭାବେ ଚାଲି ନ ଥାଏ । ପାର୍ଟନରଙ୍କ ସହ ସମ୍ପର୍କ ଖରାପ ରହିବା କାରଣରୁ ଏମାନଙ୍କ ପ୍ରେମ କାହାଣୀ ବିଚ୍ଛେଦର ରୂପ ନେଇଥାଏ । ହେଲେ ଏମାନଙ୍କୁ ଜଣଙ୍କୁ ଭୁଲି ଅନ୍ୟଜଣଙ୍କ ପ୍ରେମରେ ପଡ଼ିବାକୁ ବେଶି ସମୟ ଲାଗି ନ ଥାଏ । ଜୀବନରେ ଏମାନେ ଏକାଧିକ ଥର ପ୍ରେମରେ ପଡ଼ିଥାଏ । ଜ୍ୟୋତିଷ ଅନୁଯାୟୀ ଏମାନଙ୍କ ପ୍ରେମ ସମ୍ପର୍କ ସ୍ଥାୟୀ ନ ଥାଏ ।

ବୃଷ ରାଶି : ଏହି ରାଶିର ପୁଅ ସ୍ୱଭାବରେ ଭାରି ରୋମାଣ୍ଟିକ୍ । ବହୁତ ଶୀଘ୍ର ଏମାନେ ପ୍ରେମରେ ପଡ଼ିଯାଇଥାନ୍ତି । ଅନେକ ଥର ନ ବୁଝି ବିଚାରି ପ୍ରେମ ସମ୍ପର୍କ ଗଢ଼ିବା କାରଣରୁ ଏମାନେ ପରେ ପଶ୍ଚାତାପ କରିଥାନ୍ତି । ଏହି କାରଣରୁ ଜୀବନକାଳରେ ଦୁଇଥର ପ୍ରେମରେ ପଡ଼ିବାର ସମ୍ଭାବନା ଏମାନଙ୍କର ବେଶି ଥାଏ । ହେଲେ ଏମାନେ ନିଜର ପ୍ରେମକୁ ବେଶ ସଚ୍ଚୋଟତାର ସହ ନିର୍ବାହ କରିଥାନ୍ତି । ହେଲେ ପାର୍ଟନରଙ୍କୁ ଭୁଲ ଚୟନ କରିବାକୁ ନେଇ ତାଙ୍କୁ ଧୋକା ମିଳିଥାଏ ।

କର୍କଟ ରାଶି : ଏହି ରାଶିର ପୁଅମାନେ ପ୍ରେମକୁ ନେଇ ବେଶ ଗମ୍ଭୀର ଥାନ୍ତି । ଏମାନେ ନିଜ ପାର୍ଟନରଙ୍କୁ ବହୁତ ଭଲପାଇଥାନ୍ତି । ତାଙ୍କୁ ଖୁସିରେ ରଖିବାକୁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି । ସଚ୍ଚୋଟତାର ସହ ସମ୍ପର୍କ ତୁଲାଇଥାନ୍ତି । ହେଲେ ଏମାନଙ୍କୁ ପ୍ରତାରଣା ବିଲ୍‌କୁଲ ପସନ୍ଦ ନୁହେଁ । ଜ୍ୟୋତିଷ ଅନୁଯାୟୀ ଜୀବନରେ ଥରେ ଏମାନଙ୍କ ହୃଦୟ ନିଶ୍ଚିତ ଭାଙ୍ଗିଥାଏ ।

# ଭୁଲ୍‌ରେ ବି ଦାନରେ ଦିଅନ୍ତୁ ନାହିଁ ଏସବୁ ଜିନିଷ, ଅଭାବରେ ବୁଡ଼ିବେ...

ଦାନକୁ ସନାତନ ଧର୍ମର ସର୍ବୋତ୍ତମ ଗୁଣ ଭାବେ ବର୍ଣ୍ଣନା କରାଯାଇଛି । ହେଲେ ବୁଝି ବିଚାରି ଦାନ ନ କଲେ ନିଜର କ୍ଷତି ହୋଇପାରେ । ପୁରାଣରେ ମଧ୍ୟ ଏହାର ଉଦାହରଣ ହେଉଛନ୍ତି 'ଦାନବୀର କର୍ଣ୍ଣ' । ମହାଭାରତରେ କର୍ଣ୍ଣଙ୍କୁ ଜଣେ ମହାନ ଯୋଦ୍ଧା ସହ ମହାନ ଦାତା ଭାବେ ବର୍ଣ୍ଣନା କରାଯାଇଛି । ହେଲେ ଦାନର ପ୍ରବୃତ୍ତି ଯୋଗୁ ସେ ନିଜ ମୃତ୍ୟୁର କାରଣ ପାଲଟିଥିଲେ । ଏଣୁ ଦାନ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ହୋଇଥାଏ । ଆସନ୍ତୁ ଜାଣିବା କେଉଁ ଜିନିଷକୁ ଦାନ କରିବା ଅନୁଚିତ:-

ରାଶି ତେଲ: ରାଶି ତେଲର ସମ୍ପର୍କ ରାହୁ-କେତୁ-ଶନିଙ୍କ ଭଳି ଗ୍ରହ ସହ ରହିଛି । ଏଣୁ ଏହି ତେଲକୁ ଦାନ କଲେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ପାରେ । ଏଥିସହ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ ।

ଦିଆସିଲି: କେବେହେଲେ କାହାକୁ ଦିଆସିଲି ଦାନ କରନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ପରିବାରରେ ଅକାରଣରେ ଝଗଡ଼ା ହେବ । ଏପରିକି ପରସ୍ପର ପ୍ରତି ଥିବା ଭଲପାଇବା ହ୍ରାସ ପାଇବ ।

ସୋରିଷ ତେଲ: ଏହା ଶନି ଦେବଙ୍କ ସହ ଜଡ଼ିତ । କାରଣ ଶନିଙ୍କୁ ଏହି ତେଲ ଅର୍ପଣ କରିବାର ପରମ୍ପରା ରହିଛି । ଏଣୁ ଯଦି ଆପଣ ଟଙ୍କା ନ ଦେଇ କାହାଠାରୁ ସୋରିଷ ତେଲ ନିଅନ୍ତି ତେବେ ଆପଣ ଶନିଙ୍କ କ୍ରୋଧର ଶିକାର ହୋଇପାରନ୍ତି ।

ଲୁହା ସାମଗ୍ରୀ: ଏହାକୁ ଦାନ କଲେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ । ଏଥିସହ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇପାରେ । ଏହାର କାରଣ ହେଉଛି ଲୁହାରେ ଭଗବାନ ଶନି ବାସ କରନ୍ତି । ଏହାକୁ ଦାନ କଲେ ସେ କ୍ରୋଧିତ ହୁଅନ୍ତି । ସେହିଭଳି କାହାଠାରୁ ଲୁହା ସାମଗ୍ରୀ ଦାନରେ ଗ୍ରହଣ କରନ୍ତୁ ନାହିଁ ।

ଲୁଣ: ଏହାକୁ ଦାନ କଲେ ଶନିଦଶାରେ ପଡ଼ିପାରନ୍ତି । କେବଳ ଏତିକି ନୁହେଁ ଋଣଭାରରେ ଆପଣ ବୁଡ଼ିପାରନ୍ତି ।

ଛୁଞ୍ଚି: ଛୁଞ୍ଚି ଦାନରେ ନେବା ଏବଂ ଦେବା ଉଭୟ କ୍ଷତିକାରକ । ଏହା ଘରର ସୁଖ ଏବଂ ଶାନ୍ତି ସମାପ୍ତ କରେ ।








# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ଫାଷ୍ଟ ଲୁକ୍ ଲୋକାର୍ପଣ



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ଫାଷ୍ଟଲୁକ୍ ଲୋକାର୍ପଣ ହୋଇଛି କ୍ଷ ଜୟଦେବ ବାଟିକାର ସବୁଜ ମନୋରମ ପରିବେଶ ଭିତରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଚଳଚ୍ଚିତ୍ରର ସାଂସ୍କୃତିକ ପରାମର୍ଶଦାତା ଆଶୁତୋଷ ତ୍ରିପାଠୀ, କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପକାର ଶଙ୍କର ପ୍ରସାଦ ତ୍ରିପାଠୀ, ନିର୍ଦ୍ଦେଶକ ରାସେଶ ମହାନ୍ତି (ସିଲୁ), ଚଳଚ୍ଚିତ୍ର ପ୍ରଯୋଜକ ତଥା ବିତରକ ସଚ୍ଚିକାନ୍ତ ଜେନା, କ୍ରୀଏଟିଭ୍ ହେଡ୍ ପ୍ରଣୟ ଜେଠୀ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଗୀତିକାର ଡଃ ବିରଞ୍ଚି ନାରାୟଣ ସାମଲ, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, କୁନା ତ୍ରିପାଠୀ, ରବି ମିଶ୍ର, ନାୟକ ଶୁଭାଶିଷ ଶର୍ମା, ନବାଗତା ନାୟିକା ସୁଶ୍ରୀ, କୋରିଓଗ୍ରାଫର ବିଦ୍ଧୁ, ଡିଓପି ସୁଦର୍ଶନ ସେନାପତିଙ୍କ ସମେତ ଚଳଚ୍ଚିତ୍ରରେ ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଥିବା କଳାକାର ଏବଂ ଗଣମାଧ୍ୟମ ବନ୍ଧୁମାନେ ଉପସ୍ଥିତ ଥିଲେ । ଏବେ ଓଲିଉଡ଼ରେ ଓଡ଼ିଆ ମାଟିର କାହାଣୀ, ଓଡ଼ିଆ ଜାତିର ଇତିହାସକୁ ନେଇ ଚଳଚ୍ଚିତ୍ର ନିର୍ମାଣର ଧାରା ଆରମ୍ଭ ହୋଇଛି ଏବଂ ପ୍ରତ୍ୟେକ ଓଡ଼ିଆ ଦର୍ଶକ ସେଇ ଚଳଚ୍ଚିତ୍ର ଗୁଡ଼ିକୁ ଆନ୍ତରିକ ଭଲ ପାଇବା ଦେବା ସହିତ ବ୍ୟବସାୟିକ ସଫଳତା ମଧ୍ୟ ଚଳଚ୍ଚିତ୍ର ପାଇଛି । ସେଇ ଧାରାରୁ ଆଉ ଟିକେ ଉନ୍ନତ ଚିନ୍ତାଧାରାରେ ଓଡ଼ିଆ ଜାତିର ଏକ ପରମ୍ପରାକୁ ଉଦ୍ଧାର କରିବା ପାଇଁ ବରିଷ୍ଠ ଲେଖକ ଶଙ୍କର ପ୍ରସାଦ ତ୍ରିପାଠୀ ଲେଖନୀ ମାଧ୍ୟମରେ ପ୍ରୟାସ କରିଛନ୍ତି । ପୁରୀର ଏକ ଲୋକ ସଂସ୍କୃତିକୁ ନେଇ କାହାଣୀ ଗଢ଼ିଉଠିଛି । ଲୋକ ନୃତ୍ୟକୁ ନେଇ ଜୀବିକା କରିଥିବା ଗୋଟିଏ ଲୋକ ତା' ପାରିବାରିକ ଏବଂ ସାମାଜିକ ଜୀବନରେ କେମିତି କଷ୍ଟ ପାଉଛି ତା'ରି କାହାଣୀକୁ ନେଇ ଦେବକନ୍ୟା ଚଳଚ୍ଚିତ୍ର ନିର୍ମାଣ ହୋଇଛି । କାହିଁ କେଉଁ ଆଦିମ କାଳରୁ ମାଆ ମଙ୍ଗଳାଙ୍କୁ ଆମ ଓଡ଼ିଆ ଜାତି ପୂଜାର୍ଚ୍ଚନା କରି ଆସୁଥିବା ବିଦ୍ଧି ରହିଛି ଏବଂ ଚୈତ୍ର ମାସରେ ମାଆଙ୍କର ପୂଜାର୍ଚ୍ଚନା ବିଶେଷ ଭାବରେ କରିଥାନ୍ତି । ସେଇ ଚଇତି ପର୍ବରେ ଘୋଡା ନାଚ ମାଆଙ୍କ ଉଦ୍ଦେଶ୍ୟରେ ପରିବେଷଣ ହୋଇଥାଏ । ଧୀରେ ଧୀରେ ସେଇ ଘୋଡା ନାଚ ପରମ୍ପରା ଲୋପ ପାଇବାକୁ ବସିଲାଣି । ତେଣୁ ଘୋଡା ନାଚର ପୁନଃରୁଦ୍ଧାର ସହିତ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ଏକ ପ୍ରୟାସ କରିଛନ୍ତି ।

ଦେବକନ୍ୟା ଚଳଚ୍ଚିତ୍ରକୁ ପ୍ରଯୋଜନା କରିଛନ୍ତି ସୁରେଶ ସାହୁ ଏବଂ ଭାର୍ଗବୀ ତ୍ରିପାଠୀ । ନିର୍ଦ୍ଦେଶନା ଦେଇଛନ୍ତି ବହୁ ଅଭିଜ୍ଞ ନିର୍ଦ୍ଦେଶକ ରାସେଶ ମହାନ୍ତି (ସିଲୁ) । ଚିତ୍ରଉତ୍ତୋଳନ କରିଛନ୍ତି ସୁଦର୍ଶନ ସେନାପତି । ଦେବକନ୍ୟା ଚଳଚ୍ଚିତ୍ର ରେ ସମୁଦାୟ ୪ ଗୀତ ରହିଛି ଯାହାକୁ ରଚନା କରିଛନ୍ତି ଡଃ ବିରଞ୍ଚି ନାରାୟଣ ସାମଲ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ। ଦେବକନ୍ୟା ର ସମସ୍ତ ସୁଟିଂ ଶେଷ ହୋଇଯାଇଛି ଏବଂ ଏହା ଖୁବ ଶୀଘ୍ର ବଡ ପରଦାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନାସଂସ୍ଥା ତରଫରୁ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।

# ଶିକ୍ଷକଙ୍କ ମାଡରେ ଛାତ୍ର ଲହୁଲୁହାଣ : ଥାନାରେ ମାମଲା : କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର

ଧର୍ମଶାଳା, ୨୯/୦୭ (ନି.ପ୍ର): ଶିକ୍ଷା ଅଧିକାର ଶିଶୁଙ୍କର ଏକ ମୌଳିକ ଅଧିକାର । ସେଥିପାଇଁ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୬ରୁ ୧୪ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଯୋଗାଇ ଦିଆଯିବାର ସରକାରଙ୍କ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷେ ପ୍ରତ୍ୟେକ ବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଡ୍ରପ ଆଉଟ୍ ମିଶନ ଆରମ୍ଭ ହୋଇଛି । ଏଥିରେ ଶିକ୍ଷା ବିଭାଗ ସହିତ ବିଭିନ୍ନ ବିଭାଗର ସମନ୍ୱୟରେ ବିଦ୍ୟାଳୟ ବାହାରେ ଥିବା ଛାତ୍ର ଓ ପାଠ ଛାଡିଥିବା ପିଲାମାନଙ୍କୁ ବିଦ୍ୟାଳୟ ମୁଖୀ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସଚେତନ କରାଯିବା ସହ ଘରେ ଘରେ ଶିକ୍ଷକମାନେ ଡ୍ରପ ଆଉଟ ସର୍ଭେ କରୁଛନ୍ତି । ତେଣୁ ପିଲାମାନେ ବିଦ୍ୟାଳୟରେ ଭୟବାତାରଣକୁ ମୁକ୍ତ କରିବା ପାଇଁ ଦଣ୍ଡ ମୁକ୍ତ ଅଂଚଳଭାବେ ଘୋଷଣା କରାଯାଇଛି । ଏହି ନୟମ ଅନୁସାରେ ଦଣ୍ଡ ଦେବା ଆଇନଗତ ଅପରାଧ । ଜାତୀୟ ଶିଶୁ ସୁରକ୍ଷା ଆଇନ ୨୦୧୨ ଅନୁସାରେ ଦଣ୍ଡ ଦେଇ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଭୟ ଜେଲ ଓ ଅର୍ଥ ଦଣ୍ଡ ଦେବାର ନିୟମ ରହିଛି । ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ । ସୋମବାର ୨ଟା ସମୟରେ ବିଦ୍ୟାଳୟ ପରିସରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ୫ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ମଧ୍ୟାହ୍ନ ଭୋଜନରେ ଅଣ୍ଡା ମାଗିବା ଘଟଣାକୁ ନେଇ ଶିକ୍ଷକ ମେସାଦ ରେହେମାନଙ୍କ ମାଡରେ ଲହୁଲୁହାଣ ହୋଇଥିବା ଦେଖିବାକୁ ମିଳିଥିଲା । ଛାତ୍ରର ଡାହାଣ ହାତରେ ଗଭୀର ଆଘାତ ଲାଗି ଥିବା ନେଇ ଘଟଣା ସମ୍ପର୍କରେ ପରିବାରଙ୍କୁ ଅବଗତ କରାଇଥିଲେ । ଘଟଣା ସମ୍ପର୍କରେ ପରିବାର ଲୋକେ ପୁଅକୁ ସ୍ଥାନୀୟ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ କରାଇଥିଲେ ।

# ଯୌତୁକ ଯୁଇରେ ନବବଧୂ ଅଞ୍ଜନା : ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଭଦ୍ରକ, ୨୯/୦୭ (ନି.ପ୍ର): ଯୌତୁକ ଯୁଇରେ ନବବଧୂ ଅଞ୍ଜନା । ଛାଡ଼ିନି ହାତର ମେହେନ୍ଦି, ବର୍ଷ ବର୍ଷର ପ୍ରେମ ୪ ମାସରେ ନେଲା ସମାଧି । ଏମିତି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଘଟପୁର ପଂଚାୟତ ଖଟୁଆସାହିରୁ । ଖଟୁଆସାହି ଗ୍ରାମରେ ୨୨ବର୍ଷୀୟ ଅଞ୍ଜନା ଦାସଙ୍କ ମାମୁଁଘର ଅଞ୍ଜନା ନିଜମାମୁଁ ଶ୍ରୀକାନ୍ତ ଦାସଙ୍କ ଘରେ ରହି ପାଠ ପଢୁଥିଲେ । ଏହି ସମୟରେ ସେହି ଗାଁର ଇନ୍ଦ୍ରମଣି ଦାସଙ୍କ ପୁଅ ବିଜୟ ଦାସଙ୍କ ସହିତ ଅଞ୍ଜନାଙ୍କର ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ । ଉଭୟ ପାରିବାରର ସହମତିରେ ମିଳିଥିଲା ସେମାନଙ୍କ ପ୍ରେମକୁ ମଞ୍ଜୁରୀ । ରୀତି ନୀତି ଅନୁସାରେ ହୋଇଥିଲା ଦୁହିଁଙ୍କ ବିବାହ । ମାତ୍ର ହୋମନିଆଁ ଜାଳିବା ପରେ ଜନ୍ମ ନେଇଥିଲା ଯୌତୁକ ରାକ୍ଷସ । ଯୌତୁକ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ ଅଞ୍ଜନା । ଆଉ ଶେଷରେ ଯୌତୁକ ରାକ୍ଷସ ଆଗରେ ହାର ମନିଗଲା ବର୍ଷ ବର୍ଷର ପ୍ରେମ । ସୁଖର ସଂସାର ଗଢ଼ିବା ଆଗରୁ ଜୁଇ ନିଆଁରେ ଜଳିଗଲେ ନବବଧୂ ଅଞ୍ଜନା ଦାସ । ଗତକାଲି ଅପରାହ୍ନରେ ଶ୍ରୀକାନ୍ତଙ୍କ ଘରକୁ ଖବର ଆସିଲା ତାଙ୍କ ଝିଅ ଅଞ୍ଜନା ରଶି ଲଗାଇ ଆତ୍ମହତ୍ୟା କରିଛି । ଶ୍ରୀକାନ୍ତ ପହଂଚିଲେ ଅଞ୍ଜନାଙ୍କ ଶାଶୁଘରକୁ ଏବଂ ସେଠାରେ ଅଞ୍ଜନାର ମୃତଦେହ ତଳେପଡ଼ି ଯୌତୁକ ଯୁଇରୁ ଉଦ୍ଧାର ପାଇଁ କରୁଥିଲା ଗୁହାରୀ । ମତୋ ଫାଣ୍ଡି ପୋଲିସ୍ ଖବର ପାଇ ଅଞ୍ଜନାର ମୃତଦେହ ଉଦ୍ଧାରକରି ଆଣିଛି ଚାନ୍ଦବାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ । ଅନ୍ୟପକ୍ଷେ ଅଞ୍ଜନାର ପାରିବାର ଆଣିଛି ହତ୍ୟା ଅଭିଯୋଗ । ଅଞ୍ଜନାର ସ୍ୱାମୀ ଶଶୁର ଆଦି ଫେରାର ଥିବା ସୂଚନା ମିଳିଛି । ଦେଖିବାକୁ ବାକି ରହିଲା କଣ କହୁଛି ପୋଲିସର ତଦନ୍ତ ।

## ଶିକ୍ଷୟିତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା ମାମଲାରେ ଶିକ୍ଷକ ଗିରଫ

ଜୟପୁର, ୨୯/୦୭ (ନି.ପ୍ର):ଏକ ଘରୋଇ କଲେଜର ଜଣେ ଶିକ୍ଷୟିତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ପି.ଟି ଶିକ୍ଷକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଆଜି ଟାଉନପୁଲିସ ପି.ଟି ଶିକ୍ଷକ କେଦାର କୁମାର ସାହୁ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସର କହିବାନୁଯାୟୀ ଗତ କିଛି ଦିନ ହେଲା ଶିକ୍ଷୟିତ୍ରୀ ଜଣକୁ ପି.ଟି ଶିକ୍ଷକ କେଦାର ଅଶ୍ଳିଳ ମେସେଜ ଦେବା ସହ ଶାରିରିକ ସଂପର୍କ ରଖିବାକୁ ବାଧ କରୁଥିବା ନେଇ ଟାଉନଥାନାରେ ଲିଖିତ ଅଭିଯୋଗ ଦେବା ପରେ ଟାଉନପୁଲିସ ପି.ଟି ଶିକ୍ଷକ କେଦାରକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ଧାମନଗରରେ ବନ୍ୟା ଯୋଗୁଁ ୮ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ : ବନ୍ୟା ସ୍ଥିତି ସୁଧୁରିଛି, ୨୫ ପଂଚାୟତ ଚାଷ ଜମିରେ ପାଣି

ଭଦ୍ରକ, ୨୯/୦୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି । ବୈତରଣୀରେ ଜଳପତନ ହ୍ରାସପାଇବା ପରେ ଏବେ ବିପଦ ସଂକେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଛି । ହେଲେ ଧାମନଗର ର ତଳିଆ ଅଂଚଳ ସ୍ଥିତି ଧୀରେ ଧୀରେ କମୁଛି । ଏବେବି ଗାଁ ଦାଣ୍ଡ ରୁ ପାଣି ଶୁଖିନାହିଁ । ଗୋରୁ ଓ ଛେଳି ବନ୍ଧ ଉପରେ ଅସ୍ଥାୟୀ ପାଲ ଟାଙ୍ଗି ରଖାଯାଇଛି । ବୈତରଣୀର ଶାଖା ଗେଙ୍ଗୁଟି ନଦୀବନ୍ଧରେ ଥିବା ପାହାଡ଼ପୁର ଏସକେପ, ମଠମାହାରା ଓ କନକେଇ ଏସକେପ ବାଟେ ପାଣି ବାହାରି ବିଶେଷ ଭାବେ ଚାଷ ନଷ୍ଟ ହୋଇଛି । ଧାମନଗର ବ୍ଲକର ପାଖାପାଖି ୨୫ ଟି ପଂଚୟତରେ ବର୍ଷା ଜଳରେ ଚାଷ ଜମିରେ ବର୍ଷା ଜଳଭରି ରହିଥିବା ବେଳେ ବନ୍ୟା ଜଳରେ ୬ ଟି ପଂଚାୟତ ରେ ଚାଷ ଜମିରେ ମଧ ବନ୍ୟା ଜଳରେ ଚାଷ ନଷ୍ଟ ହୋଇଛି ପ୍ରାୟ ୮ ହଜାର ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି । ଅଧିକାଂଶ ଜମିରେ ଧାନ ଚାଷ ପାଇଁ ତଳି ଓ ରୁଆ ପୋତା ହୋଇଥିଲା । ହେଲେ ବନ୍ୟା ଓ ବର୍ଷା ପାଣିରେ ତାହା ବୁଡ଼ି ରହିଥିବାରୁ ଏଗୁଡ଼ିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ସେହିପରି ପଧାନି, ସୋହଡ଼ା, ଅର୍ଜୁନପୁର ଓ ହସନାବାଦ ରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି । ଆନନ୍ଦପୁର ପଂଚାୟତର ମଲ୍ଲିମାହାରା ଓ ସୋହଡ଼ା ପଂଚାୟତର ଗୌରାଙ୍ଗପୁର ଏସକେପର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ କିଛି ପରିମାଣ ରେ ହୋଇପାରିଛି । ତେବେ ଚଳିତ ବନ୍ୟାରେ ପଧାନି, ସୋହଡା, ହସନାବାଦ, ଅର୍ଜୁନପୁର, ନଦୀଗାଁ, ଖଡ଼ିପଦା ପଂଚାୟତ ରେ ପ୍ରାୟ ୫ ହଜାର ଲୋକ ବନ୍ୟା ଘେରରେ ରହିଥିଲେ ,ସେମାନଙ୍କୁ ୨୦ ଟି ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଛି ବୋଲି ଧାମନଗର ବିଡ଼ିଓ ବନବିହାରୀ ଦିକ୍ଷା କହିଛନ୍ତି । ସୋମବାର ଦିନ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ରାଜସ୍ୱ ଅଧିକାରୀ ଙ୍କ ସହାୟତାରେ ୭ ଶହ ବନ୍ୟା ବିପନ୍ନ ଙ୍କୁ ପଲିଥିନ ପ୍ରଦାନ କରିଛନ୍ତି ।ତେବେ ତଳିଆ ଅଂଚଳ ରେ ସ୍କୁଲରେ ପାଣି ପଶିଥିବା ସହିତ କିଛି ସ୍କୁଲ ରେ ବିପନ୍ନ ମାନେ ରହୁଥିବାରୁ ସେହି ସ୍କୁଲକୁ ଛୁଟି କରିଦିଆଯାଇଛି । ସୋମବାର ଦିନ ୧୧ ଟା ବେଳେ ଧାମନଗର ବ୍ଲକ ବିଜୁ ଜନତା ଦଳର ଏକ ଟିମ୍ ଧାମନଗର ପଂଚାୟତ ସମିତି ର ପୂର୍ବତନ ଅଧକ୍ଷ ଅଶୋକ ନାୟକ, ବିଜେଡି ନିର୍ବାଚନ ମଣ୍ଡଳୀ ନେତା ସଂଜୟ ଦାସ,ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ,ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ ,ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ଭାରତ ବିଜୟ ଦଳାଇ ପ୍ରମୁଖ ବନ୍ୟାଂଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ । ହସନାବାଦ ଓ ଅର୍ଜୁନପୁର ପଂଚାୟତ ରେ ଯେଉ ବନ୍ୟା ପରିସ୍ଥିତିସୃଷ୍ଟିହେଲା ତାହା ନିଶ୍ଚିତ ମନୁଷ୍ୟ କୃତ୍ୟ, ଯଦି ହସନାବାଦ ପଂଚାୟତ ର ତଳ ଅଂଚଳରେ ଘେରିବନ୍ଧ ହୋଇ ପାରନ୍ତା ତେବେ ଏପରି ବନ୍ୟା ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ, ଏ ଦିଗରେ ରାଜ୍ୟ ସରକାର ଙ୍କ ନିକଟରେ ଲୋକଙ୍କ ସମସ୍ୟା ନେଇ ବିଜେଡି ଦାବି କରିଛି ।

# ରଚନାର ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ଆମ କାବ୍ୟ କବିତାର ଭାବଭୂମି

ବଲାଙ୍ଗିର, ୨୯/୦୭ (ନି.ପ୍ର): ଆମ ଓଡ଼ିଆ କାବ୍ୟ ପରମ୍ପରାର ସ୍ଥିତି, ଗତି ଓ ପ୍ରକୃତି ଅତ୍ୟନ୍ତ ସୁଦୃଢ ଓ ଶକ୍ତିଶାଳୀ । ଆମ କାବ୍ୟକବିତାର ବିଷୟବସ୍ତୁ ଓ ଏଥିରେ ସନ୍ନିବେଶିତ ବିଭିନ୍ନ କାବ୍ୟରସ ସମାଜର ବିଭିନ୍ନ ବର୍ଗର ମାନସିକତା ଅନୁଯାୟୀ ଉପଯୋଗୀ ଓ ହୃଦୟଗ୍ରାହୀ ହୋଇପାରିଛି । କେବେ ଏହାର ସାଙ୍ଗିତୀକତା ଆମର ମନ ମୋହିଛି ତ ଆଉ କେବେ ଏହାର ବାକ୍ ରୀତି ଆମର ଏକାନ୍ତ ଅନ୍ତରଙ୍ଗ ମନେ ହୋଇଛି । ବଲାଙ୍ଗିରର 'ରଚନା' ଅନୁଷ୍ଠାନ ଦ୍ୱାରା ଆୟୋଜିତ 'ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା'ରେ 'ଆମ କାବ୍ୟକବିତାର ଭାବଭୂମି' ବିଷୟରେ ଏକ ବିସ୍ତୃତ ବ୍ୟାଖ୍ୟା ପ୍ରଦାନ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବଳଭଦ୍ର ଦାଶ ଏଭଳି ମତ ପ୍ରକାଶ କରିଛନ୍ତି । ବଲାଙ୍ଗିରର ଜଣାଶୁଣା କବି, ଗାଳ୍ପିକ ଓ ଚିତ୍ରଶିଳ୍ପୀ ଗଗନ ସ୍ୱାଇଁଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ଏହି ସଭାରେ 'ରଚନା'ର ସଭାପତି ସନାତନ ଠାକୁର ଅଧ୍ୟକ୍ଷତା କରିଥିଲେ ଏବଂ ସମ୍ପାଦକ ଭାଗୀରଥି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଭକ୍ତି ଗୀତ ପରିବେଷଣ କରିଥିଲେ ଏବଂ କବି ଆନନ୍ଦ ଚନ୍ଦ୍ର ସାହୁ, କବି ଝରଣା ସାହୁ, କବି ରାଜୀବ ଲୋଚନ ଆଚାର୍ଯ୍ୟ ଓ ଅଧ୍ୟାପକ କୌତୁକ ପନ୍ଦର ଗଗନ ସ୍ୱାଇଁଙ୍କ କବିତା ଓ ଗଳ୍ପ ପାଠ କରିଥିଲେ । ସୋମ୍ୟା ମଧୁପର୍ଣ୍ଣା ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା ଓ 'ରଚନା'ର ସହସମ୍ପାଦକ ରନ୍ମମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସାହିତ୍ୟ-ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ ।

# ଯୁବତୀଙ୍କୁ ନିର୍ଯାତନା ଓ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ କୋର୍ଟ ଚାଲାଣ

କୋରେଇ, ୨୯/୦୭ (ନି.ପ୍ର): ପାଣିକୋଇଲିସ୍ଥିତ ଗ୍ରମ୍ୟ ଶକ୍ତି ଫାଇନାନ୍ସର ଦୁଇ କର୍ମଚାରୀଙ୍କ (ଯୁବକ ଓ ଯୁବତୀ) ମଧ୍ୟରେ ପ୍ରେମ ସମ୍ପର୍କ ଗଡି ଉଠିଥିଲା । ଭଦ୍ରକ ଜିଲ୍ଲା କେଶପୁରର ସ୍ମୃତିରେଖା ଜେନା (୨୪) ଓ ଗଂଜାମ ଜିଲ୍ଲା କବିସୂର୍ଯ୍ୟନଗରର ସମୀର କୁମାର ପଲେଇ(୨୭) ଉଭୟ ଗୋଟିଏ ସଂସ୍ଥାରେ ଚାକିରି କରିଥିଲେ । ୩ବର୍ଷ ଚାକିରି ମଧ୍ୟରେ ପରସ୍ପର ମଧ୍ୟରେ ଭଲ ପାଇବା ଦିନକୁ ଦିନ ବଢି ଚାଲିଲା । ପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଭଲ ପାଇବା ତିଷ୍ଠି ପାରିଲା ନାହିଁ । ସମୀର ସ୍ମୃତିରେଖାକୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନ ଦେଲା । ଫଳରେ ଉଭୟଙ୍କ ମଧ୍ୟରେ କଥାବାର୍ତା ବନ୍ଦ ହେବା ସହ ଯୁବତୀ ଜଣଙ୍କ ସମୀରର ଫୋନ ନମ୍ବରକୁ ବ୍ଲକ କରିଦେଲେ । ଏହାକୁ ନେଇ ପ୍ରତିହିଂସା ପରାୟଣ ହୋଇ ସମୀର ତାକୁ ଅମୃତିଆ ସ୍କୁଲ ପାଖରେ ମାଡମାରିବା ସହ ସାହାପୁରର ନିକଟରେ ଅଟକାଇ ମୋବାଇଲ ଛଡାଇ କଣ ସବୁ ହ୍ୟାଂଗ କରିଦେଲା । ଫଳରେ ଯୁବତୀ ଆଉ ସେ ମୋବାଇଲକୁ ଚଳାଇ ପାରିଲେ ନାହିଁ । କାହିଁକି ମୋ ସହ କଥା ହେଉନାହିଁ ତୋତେ ବରବାଦ କରିଦେବି ବୋଲି ଧମକ ଦେଲା । ଫରେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ଭାଇରାଲ ମଧ୍ୟ କରିଲା । ବାରମ୍ବାର ଫଟୋ ଭାଇରାଲ କରିବା ଓ ଧମକ ଦେବାରୁ ସ୍ମୃତିରେଖା ଜୀବନର ସୁରକ୍ଷା ପାଇଁ ଥାନାରେ ଅଭିଯୋଗ କଲେ । ଏନେଇ ଏକ ମାମଲା ୨୩୭/୨୫ ରୁଜୁ ହୋଇ ତଦନ୍ତ କରାଯାଇ ଅଭିଯୁକ୍ତ ସମୀରକୁ ଗିରଫ କରାଯାଇ ଆଜି ଅଦାଲତ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ।

# ପୁଣି ଆନ୍ଦୋଳନ ପାଇଁ ସଜବାଜ ହେଲେଣି ଶିକ୍ଷକ



ଜଳେଶ୍ୱର, ୨୯/୦୭ (ନି.ପ୍ର): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମ୍ମନ୍ୱୟ ସମିତି ଏକ ବୈଠକ ଶନିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ବୈଠକରେ ଶିକ୍ଷକ ଓ ଶିକ୍ଷା ଆୟତନର ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ୱେ ମଧ ତାର କୌଣସି ସୁଫଳ ନ ମିଳିବା ହେତୁ ବୈଠକରେ ଅସନ୍ତୁଷ ପ୍ରକାଶ ପାଇଥିଲା ।ତେଣୁ ବିଭିନ୍ନ ଦାବୀ ଗୁଡ଼ିକ ନେଇ ଆଗାମୀ ଅଗଷ୍ଟ ୨ ତାରିଖ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ,ଅଗଷ୍ଟ ୮ତାରିଖ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୧୬ ତାରିଖ ଦିନ ଭୁବନେଶ୍ୱରରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବାର ସିଦ୍ଧାନ୍ତ ହୋଇଥିଲା ।ଏହି ଆନ୍ଦୋଳନ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେବ ।ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳିତ ହୋଇଥିଲେ ମଧ ଶିକ୍ଷକ ମାରଣାନୀତି ଯୋଗୁଁ ସମସ୍ୟାର ସମାଧାନ ନ କରି ନୀରବତା ଓ ଦାବୀ ପୂରଣ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଆନ୍ଦୋଳନ ମାର୍ଗକୁ ଟାଣି ନେବାକୁ ବାଧ ସରକାର । ଆନ୍ଦୋଳନ ଦରମା ବଢ଼ାଇବା ପାଇଁ ବରଂ ଶିକ୍ଷା ଆୟତନ ଓ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ତଥା ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ସହିତ ଦୀର୍ଘ ଦିନ ଧରି ଅନୁଦାନ ପାଇ ନ ଥିବା ବିଦ୍ୟାଳୟ ମାନଙ୍କୁ ଅନୁଦାନ ପ୍ରଦାନ,ନୂତନ ଅନୁଦାନ ପ୍ରାପ୍ତସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମାନଙ୍କୁ ପୁରୁଣା ପେନସନ ସହିତ ଚାକିରୀ ସର୍ତ୍ତାବଳୀ,ଖାଲି ପଡ଼ିଥିବା ବିଦ୍ୟାଳୟ ମାନଙ୍କରେ ପଦବୀ ପୂରଣ ବିଭିନ୍ନ ଗ୍ରେଡେସନ ରେ ଅସଙ୍ଗତି ଦୂରୀକରଣ,୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବରିଷ୍ଠତା ପ୍ରଦାନ,ସମସ୍ତ ପ୍ରକାର ବିଦ୍ୟାଳୟକୁ ସରକାରୀକରଣ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି,କୌଣସି ଭିତ୍ତିଭୂମି ନ ଯୋଗାଇ ୟୁଏଏସ ପଟାଳରେ ଉପସ୍ଥାନ ବାଧ୍ୟତା ମୂଳକ କରିବା, ସମସ୍ତ ପ୍ରକାର ବିଦ୍ୟାଳୟରଛାତ୍ର ଛାତ୍ରୀ ମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ଆଦି ଦାବୀ ନେଇ ଉକ୍ତ ବୈଠକରେ ଆଲୋଚନା କରା ଯାଇଥିଲା ।ଜଳେଶ୍ୱର ବ୍ଲକ ଓଷ୍ଟା ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରା ଯାଇଥିଲା । ଓଷ୍ଟାର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ,ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର,ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର,ବ୍ଲକ ସମ୍ପାଦକ ହରେକୃଷ୍ଣ ଜେନା,ଓଲ ଓଷ୍ଟା ବ୍ଲକ ସମ୍ପାଦକ କୁମୁଦ ରଞ୍ଜନ ଜେନା,ଓପିଟିଏ ର ସଭାପତି ପ୍ରଦୀପ କୁମାର ଜେନା,ପ୍ରାଥମିକ ଶିକ୍ଷକ ସଙ୍ଘର ନେତା ସୁବେଶ କୁମାର ପ୍ରଧାନ,ରାଜେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ । ଏତତ ବ୍ୟତୀତ ଶିକ୍ଷକ ନେତା ସରୋଜ କୁମାର ପାଣିଗ୍ରାହୀ,ଅର୍ଜୁନ କୁମାର ଜେନା,ରବିନ୍ଦ୍ର ପାଳ,ଦୟାନିଧି ପ୍ରଧାନ, ସୁଶାନ୍ତ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ବାରିକ,ସତ୍ୟବ୍ରତ ଶତପଥୀ, ସୂର୍ଯ୍ୟକାନ୍ତ ଜେନା, ରତିକାନ୍ତ ମହାନ୍ତି,ବ୍ରଜମୋହନ ପରିଡ଼ା, ପରମାନନ୍ଦ ସେନ, ପ୍ରଣବ କୁମାର ବ୍ରହ୍ମ,ଗୌରୀବାଳା ଦତ୍ତ, ଶ୍ୟାମ ସୁନ୍ଦର ଦେ,ଦିଲ୍ଲିପ କୁମାର ସେଠୀ,ନାରାୟଣ ଚନ୍ଦ୍ର ପରିଡ଼ା,ବିନୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରତ୍ୟେକ ବିଦ୍ୟାଳୟ ଓ ମହା ବିଦ୍ୟାଳୟରୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଫାଇନାନ୍ସ କର୍ମଚାରୀଙ୍କ ଟଙ୍କା ହେରଫେର ନେଇ ଉତ୍ତେଜନା

କେନ୍ଦୁଝର, ୨୯/୦୭ (ନି.ପ୍ର): ଆନନ୍ଦପୁର ପୌରପରିଷଦ ଘସିପୁରା ବଜାରସ୍ଥିତ ଏକ ଘରୋଇ ଫାଇନାନ୍ସ କାର୍ଯ୍ୟାଳୟ ପରିସରରେ ସୋମବାର ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇ ଫାଇନସ ଅଫିସ ରେ ତାଲା ପକାଇଲେ ମହିଳା । ଲୋନ୍ ଅର୍ଥ ହେରଫେରକୁ ନେଇ ମହିଳାମାନେ ସମ୍ପୃକ୍ତ ଫାଇନାନ୍ସ କାର୍ଯ୍ୟାଳୟ ପରିସରରେ ବହୁବାର ଅସନ୍ତୋଷ ପ୍ରକାଶ କରିଥିଲେ । ଘରୋଇ ଫାଇନାନ୍ସ ସଂସ୍ଥାର କେତେକ କର୍ମଚାରୀ ବିଭିନ୍ନ ସ୍ଥାନରୁ ଲୋନ୍ ଅର୍ଥ ଆଦାୟ କରି ଫେରାର ହେବା ଘଟଣାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ଚାଷୀଙ୍କ ସମସ୍ୟା ନେଇ କୃଷକ କଲ୍ୟାଣମଂଚ ପକ୍ଷରୁ ଅଭିଯୋଗ

ଜୟପୁର, ୨୯/୦୭ (ନି.ପ୍ର): ଚଳିତ ଖରିଫ ଋତୁରେ ଚାଷୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ କୃଷକ କଲ୍ୟାଣ ମଂଚ ପକ୍ଷରୁ ଅଭିଯୋଗ ପ୍ରଦାନ କରାଯାଇଛି । ଧାନ ବିକ୍ରିକରିବାକୁ ବହୁ ଦୁରରୁ ଚାଷୀ ଲ୍ୟାମ୍ପକୁ ଆସିବାକୁ ପଡୁଛି । ଏପରିକି ଦିନ ଦିନ ଅପେକ୍ଷା କଲାପରେ ମଧ ପଞ୍ଜିକରଣ ହୋଇ ପାରୁନାହିଁ । ଚାଷୀଙ୍କ ସୁବିଧା ଦୃଷ୍ଟିରୁ ପ୍ରତ୍ୟେକ ଧାନ କ୍ରୟ କେନ୍ଦ୍ର କିମ୍ବା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ପଞ୍ଜିକରଣ କରାଗଲେ ଚାଷୀ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ମହିଳା ଉପକୃତ ହୋଇପାରିବେ । ବର୍ତ୍ତମାନ ବିଭିନ୍ନ ଧାନ କ୍ରୟ ସଂସ୍ଥା ଦ୍ୱାରା ଚାଲୁଥିବା ପଞ୍ଜିକରଣରେ ଭାଗଚାଷୀ ନାମରେ ଦଲାଲ ମାନେ ପ୍ରଥମେ ପଞ୍ଜିକରଣ କରୁଛନ୍ତି, ଏହାର ତଦନ୍ତ କରି ସେମାନଙ୍କ ନାମ କିପରି ପଞ୍ଜିକରଣରୁ ବାଦ ଦିଆଯିବ ତାହା ହେଲେ ଆଗାମୀ ଧାନମଣ୍ଡିରେ ପ୍ରକୃତ ଚାଷୀ ଧାନ ବିକ୍ରି କରିପାରିବେ, ଜଣେ ଜଣେ ଦଲାଲ ୧ହଜାରରୁ ୫ହଜାର ପର୍ଯ୍ୟନ୍ତ କୁଇଂଟାଲ ଧାନ ପଞ୍ଜିକରଣ କରି ମାଲାମାଲ ହେଉଥିବା ସ୍ଥଳେ ପ୍ରକୃତ ଚାଷୀ ଅଭାବି ବିକ୍ରୀର ସମ୍ମୁଖୀନ ହେବାକୁ ପଡୁଛି । ଧାନ ପଞ୍ଜିକରଣ ସମୟ ସୀମା ସେପଟ୍ମେର ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ । ଯେଉଁ ଚଷୀ ମାନଙ୍କର ବାପା, ଜେଜେବାପା, ପଟ୍ଟାଧାରୀ ମୃତ୍ୟୁ ବରଣ କରିସାରିଛନ୍ତି ସେମାନଙ୍କ ଉତରାଧିକାରୀ କିପରି ପଞ୍ଜିକରଣ କରିପାରିବେ ତାହାର ବ୍ୟବସ୍ଥା କରାଯାଉ, ଜିଲ୍ଲାରେ ଭାଗଚାଷୀ ସଙ୍ଖ୍ୟା ଅତ୍ୟନ୍ତ କମ ଥିବା ବେଳେ ଚାଷୀଙ୍କ ନାମରେ ଦଲାଲ ସକ୍ରିୟ ହୋଇଛନ୍ତି, ପ୍ରଶାସନ ଦ୍ୱାରା ଏହାର ପ୍ରକୃତ ତଦନ୍ତ କରାଯିବା ସହିତ ଯେଉଁ ଢଙ୍ଗର କିସମର ଧାନ ଚାଷ ହେଉଛି ଚାଷୀ କିପରି ପଞ୍ଜିକରଣ କରିପାରିବେ ତାହାର ବ୍ୟବସ୍ଥା କରାଯାଉ । ବିଭିନ୍ନ ଗୃପର ସଦସ୍ୟ ସଦସ୍ୟାଙ୍କୁ ୧୦ ରୁ ୨୦ ହଜାର ଦେଇ ସମସ୍ତ କମିଶନ ଅର୍ଥ ହେଣ୍ଡେଲିଙ୍ଗ ଚାର୍ଜ ଆତ୍ମସାତ କରୁଛନ୍ତି ତାହା ସହିତ ବିଭିନ୍ନ ସରକାରୀ ଅଫିସରଙ୍କୁ କମିଶନ ଦେବାର ଅଛି କହି ଲକ୍ଷାଧିକ ଟଙ୍କା ନିଜେ ଆତ୍ମସାତ କରୁଛନ୍ତି ଏବଁ ପଞ୍ଜିକରଣ ସମୟରେ ଦଲାଲ ବେପାରି ଓ ମିଲରଙ୍କ ମିଥ୍ୟା ପଞ୍ଜିକରଣ କରି ଦୁର୍ନିତିର ବାଟ ବାହାର କରି ସରକାରଙ୍କୁ କ୍ଷତି ପହଁଚାଉଛନ୍ତି ।

# ପୌରାଂଚଳରେ ନୂଆ ମତଦାନ କେନ୍ଦ୍ର ସୃଷ୍ଟି ପାଇଁ ବୈଠକ

ଭଦ୍ରକ, ୨୯/୦୭ (ନି.ପ୍ର): ସାଧାରଣ ନିର୍ବାଚନରେ ମତଦାତାଙ୍କ ମତଦାନ ପ୍ରକ୍ରିୟାକୁ ସହଜ କରିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯେଉଁ ମତଦାନ କେନ୍ଦ୍ର ଗୁଡିକରେ ଏକ ହଜାର କିମ୍ବା ବାର ଶହରୁ ଉର୍ଦ୍ଧ୍ୱ ଭୋଟର ଅଛନ୍ତି, ସେହି ବୁଥ୍‌ଗୁଡିକୁ ଭୋଟର ସଂଖ୍ୟା କମାଯିବ । ବାର ଶହରୁ ଅଧିକ ଥିବା ଭୋଟରମାନଙ୍କୁ ଏହି ବୁଥ୍‌ରୁ ବାଦ୍ ଦେଇ କମ୍ ସଂଖ୍ୟକ ଭୋଟର ଥିବା ମତଦାନ କେନ୍ଦ୍ରରେ ସାମିଲ କରାଯିବ, ନଚେତ୍ ଏହି ଅଂଚଳରେ ନୂଆ ମତଦାନ କେନ୍ଦ୍ର ସୃଷ୍ଟି କରାଯିବା ପାଇଁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ପୌରପାଳିକା ତରଫରୁ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ଦଲଓ୍ୱାଜି ହବିବ, କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ସାମଲଙ୍କ ସହ ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, କମ୍ୟୁନିଷ୍ଟ ପାର୍ଟିର ଆଇନ୍‌ଜୀବୀ ଦିବ୍ୟସିଂହ ନାୟକ, କଂଗ୍ରେସର ଅବଦୁଲ ମୁକିତ୍ ଖାଁଙ୍କ ସମେତ ପୂର୍ବତନ କାଉନ୍‌ସିଲର ପଙ୍କଜ ବଳ, କାଉନ୍‌ସିଲର ଦିଲ୍ଲୀପ ନାୟକ, ରଂଜନ ଜେନା, ସେକ୍ ଜହିରୁଦ୍ଦିନ୍ ଓ ଅନ୍ୟାନ୍ୟ ଦଳର କାଉନ୍‌ସିଲରମାନେ ବୈଠକରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଭଦ୍ରକ ସହରାଂଚଳରେ ସମୁଦାୟ ୮୦ ଟି ବୁଥ୍ ଅଛି । ଏହି ବୁଥ୍‌ଗୁଡିକ ମଧ୍ୟରୁ ୪୪ଟି ବୁଥ୍‌ରେ ବାର ଶହରୁ ଉର୍ଦ୍ଧ୍ୱ ମତଦାତା ଅଛନ୍ତି । ସର୍ବାଧିକ ବେକା ଅଲାଲପୁର-୧ ବୁଥ୍‌ରେ ୧୫୧୨ ଓ ବାଘୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୦୪ ଭୋଟର ଅଛନ୍ତି । ସେହିପରି ପୌରାଂଚଳର ୧୩ ଟି ବୁଥ୍‌ରେ ଚଉଦ ଶହରୁ ଉର୍ଦ୍ଧ୍ୱ ଭୋଟର ଥିବାବେଳେ ୧୮ଟି ବୁଥ୍‌ରେ ତେରଶହରୁ ଉର୍ଦ୍ଧ୍ୱ ଓ ୧୧ ଟି ବୁଥ୍‌ରେ ବାର ଶହରୁ ଉର୍ଦ୍ଧ୍ୱ ମତଦାତା ରହିଛନ୍ତି । ଅଧିକ ସଂଖ୍ୟକ ଭୋଟର ଥିବା ଏହି ବୁଥ୍ ଗୁଡିକୁ କିପରି କମାଯାଇ ଅନ୍ୟବୁଥ୍‌ରେ ସାମିଲ କରାଯିବ କିମ୍ବା ନୂତନ ମତଦାତା କେନ୍ଦ୍ର ସୃଷ୍ଟି କରାଯିବ, ଏ ନେଇ ଆଲୋଚନା ହୋଇଥିଲା । ତେବେ ଏହି ସମସ୍ତ ପ୍ରକ୍ରିୟାକୁ ସର୍ବସମ୍ମତି କ୍ରମେ ସହମତି ପ୍ରକାଶ ପାଇଥିବାର ଜଣାଯାଇଛି ।

# ମୟୂରଭଞ୍ଜରେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ




ବାରିପଦା , ୨୯/୭ (ନି।ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ (ନିରାକରଣ ଓ ନିୟନ୍ତ୍ରଣ) ସମ୍ବନ୍ଧୀୟ ) ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ)ଶ୍ରୀ ନିରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସବିତା ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରମ ଅଧିକାରୀ ଶ୍ରୀ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଲେବର ଆକ୍ଟ ସମ୍ବନ୍ଧରେ ବିସ୍ତୃତ ଭାବେ ଅବଗତ କରାଇବା ସହ ଅତୀତ ରେ ଜିଲ୍ଲାରେ ଉଦ୍ଧରିତ ଅନେକ ଶିଶୁ ଶ୍ରମିକ ବର୍ତମାନ ଉଚ୍ଚ ଶିକ୍ଷିତ ଓ ଉତ୍ତମ କର୍ମ ନିଯୁକ୍ତ ବୋଲି ସୂଚାଇ ଥିଲେ।ଏହି ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଅଭିଯାନରେ ପ୍ରଶାସନ ତରଫରୁ ବିଭିନ୍ନ ସମୟ ରେ ଢ଼ାବା, ହୋଟେଲ ଓ ଅନ୍ୟାନ୍ୟ ଅନୁଷ୍ଠାନ ରେ ଅଚାନକ ଚଢ଼ାଉ କରାଯାଇ କମଳମତି ଶିଶୁ ଶ୍ରମିକ ଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ସ୍ଥାନ ରେ ଥଇଥାନ ବ୍ୟବସ୍ଥା କରାଯାଉଛି। ଏହି ପ୍ରକ୍ରିୟା ନିରନ୍ତର ଚାଲୁ ରହିବ ଏବଂ ଏହି ସାମାଜିକ ବ୍ୟାଧିର ମୁଳୋତ୍ପାଟନ କରାଯିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଥିଲେ ଯେ ଦେଶର ପ୍ରଗତିରେ ଶିଶୁ ଓ କିଶୋର ଶ୍ରମିକ ଏକ ବିରାଟ ବଡ ପ୍ରତିବନ୍ଧକ। ଶିଶୁ ଓ କିଶୋର ଶ୍ରମିକ ହେବାର ମୁଖ୍ୟ କେତୋଟି କାରଣ ମଧ୍ୟରୁ ପିତାମାତଙ୍କ ଲାଳନ ପାଳନ ରେ ଦାୟିତ୍ୱହୀନତା, ପରିବାରର ଆର୍ଥିକ ଅଭାବ ଏବଂ ଶିଶୁଟିର ଉପଯୁକ୍ତ ଶିକ୍ଷାର ଅଭାବରୁ ଅନ୍ୟ ମାନଙ୍କ ଭୁଲ ପ୍ରୋରଚନା ଅନ୍ୟତମ। ତେଣୁ 'ଶ୍ରମ ନୁହେଁ - ଶିକ୍ଷା ଚାହୁଁ' ଉକ୍ତିକୁ ଯଥାର୍ଥ ଭାବେ ଫଳପ୍ରସୂ କରିବା ପାଇଁ ଶିଶୁ ଓ କିଶୋର ଶ୍ରମିକ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ରେ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତିରୁ ମୁକ୍ତ କରାଇବା ପାଇଁ ପଡିବ ବୋଲି କହିଥିଲେ। ଏଥି ପାଇଁ ଅନେକ ଜିଲ୍ଲା ସ୍ତରୀୟ କମିଟି ରହିଛି ଯାହା ଦ୍ୱାରା ଅନେକ ଅନାଥ ଶିଶୁ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ମଧ କରାଯାଉଛି । ଏଥି ନିମନ୍ତେ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ସଚେତନତାକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ତାଙ୍କ ବକ୍ତବ୍ୟ ରେ ସଚେତନତା ସୃଷ୍ଟି କରିବା ରେ ଗଣମାଧ୍ୟମ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ।ଗ୍ରାମ୍ୟ ସ୍ତରରୁ ସହର ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପି ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ର ସହଯୋଗ କାମନା କରିଥିଲେ। ସଚେତନତା ମାଧ୍ୟମ ରେ ଆମେ ଚେଷ୍ଟା କରିବା ଯେ ଜିଲ୍ଲା ରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଯେମିତି କୌଣସି କାର୍ଯ୍ୟ କ୍ଷେତ୍ର ରେ ନିଯୁକ୍ତି ହେବେ ନାହିଁ ଏବଂ ୧୪ ରୁ ୧୮ବର୍ଷ କିଶୋର ମାନେ ଯେମିତି କୌଣସି ବିପଦ ସଂକୁଳ କାଯ୍ୟ ରେ ନିଯୁକ୍ତ ହେବେ ନାହିଁ। ଯଦି ଏହାର ଉଲଂଘନ ହେବାର ଦୃଷ୍ଟି ଗୋଚର ହୁଏ ତେବେ ନିଯୁକ୍ତି ଦାତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୟୂରଭଞ୍ଜ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ପରିଚିତ କରି ମଡେଲ ଜିଲ୍ଲା ଭାବେ ପରିଗଣିତ କରିବା ପାଇଁ ସମାଜର ସବୁ ବର୍ଗର ଲୋକମାନଙ୍କ ସହଯୋଗ କାମନା କରିଥିଲେ। ମଂଚାସୀନ ଅନ୍ୟାନ୍ୟ ଅତିଥି ବୃନ୍ଦ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ତଥା ଶିଶୁ ଶ୍ରମ ମୁକ୍ତ ଓଡିଶା - ଆମର ସଂକଳ୍ପ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ।

## ଓଡ଼ିଶାରେ ବନ୍ୟା ସ୍ଥିତି ନାହିଁ: ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୨୯/୭ (ନି.ପ୍ର): ଓଡ଼ିଶାରେ ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖା , ବୈତରଣୀ, ଜଳକା ହୋଇଥିବା ବନ୍ୟା ଜଳସ୍ତର କମିଛି। ତଳିଆ ଅଞ୍ଚଳରେ ଯେଉଁଠି ସବୁ ପାଣି ଅଛି ଆଗାମୀ ଦିନରେ ତାହା ନିଷ୍କାସନ ହୋଇଯିବ ।ବର୍ତ୍ତମାନ କୌଣସି ସ୍ଥାନରେ ଅସୁବିଧା ନାହିଁ ବୋଲି ସୂଚନା ଦେଇଛନ୍ତି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ।
ଗତକାଲି ବିଶେଷ ବର୍ଷା ହୋଇ ନାହିଁ। ହୀରାକୁଦରେ ୨୦ ଟି ଗେଟ୍ ରେ ଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ଲେବଲ୍ ଅଛି ୬୧୪.୨୭ ଫୁଟ।୨ ଲକ୍ଷ ୭୬ ହଜାର କ୍ୟୁସେକ ଇନ ଫ୍ଲୋ ଅଛି ।୩ ଲକ୍ଷ ୪୦ ହଜାର ପାଣି ନିଷ୍କାସିତ ହେଉଛି ।ଆଗକୁ ବର୍ଷାର ପରିମାଣ ଦେଖି ପର୍ଯ୍ୟାୟ କ୍ରମେ ଆଗକୁ ବନ୍ଦ ହେବ ଗେଟ୍।
ରେଙ୍ଗାଲି ରେ ୩ ଟି ଗେଟ୍ ଖୋଲାଅଛି। ଜଳସ୍ତର ହ୍ରାସ ପାଉଛି।୨ହଜାର ୪୯୦ କ୍ୟୁମେକ ଜଳ ପ୍ରବେଶ କରୁଛି ।୪ ହଜାର ୬୦୦ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି । ଲେବଲ ରହିଛି ୧୨୧.୬୮। କୌଣସି ପ୍ରକାରର ଖରାପ ସ୍ଥିତି ନାହିଁ। ବିପଦ ସଂକେତ ତଳେ ରହିଛି ଜଳସ୍ତର।
ଆଖୁଆପଦାରେ ବୈତରଣୀ ନଦୀ ଜଳ ସ୍ତର ବଢିଥିଲା। ବର୍ତମାନ ତାହା କମିଛି ।

# ଝାଡଖଣ୍ଡର ବନ୍ୟାପାଣିରେ ଦୁର୍ଦ୍ଦଶା ଭୋଗୁଛନ୍ତି ବାଲିଆପାଳବାସୀ

- ♦ଇତିହାସ ରଚିଲା ସୁବର୍ଣ୍ଣରେଖା ବନ୍ୟା
- ♦ଦେଢମାସ ଭିତରେ ପ୍ରଥମକରି ଆସିଛି ପାଞ୍ଚପାଞ୍ଚଥର ବନ୍ୟା
- ♦ବନ୍ୟାଯନ୍ତ୍ରଣା ଭୋଗୁଛନ୍ତି ୫୦ ଗ୍ରାମର ୬୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ



ବାଲିଆପାଳ ୨୯.୭(ଆପ୍ର) ଇତିହାସ ରଚିଲା ସୁବର୍ଣ୍ଣରେଖା ନଦୀର ବନ୍ୟା ।୧୦୦ ବର୍ହ ଇତିହାସରେ ଏମିତି ବନ୍ୟା ଦେଖି ନାହାନ୍ତି ବାଲିଆପାଳ ବାସୀ ।ଦେଢ ମାସ ଧରି ବନ୍ୟାପାଣି ଛାଡିବାର ନାଂ ଧରୁ ନାହିଁ । ଚଳିତ ବର୍ଷ ୪୦ ଦିନ ଭିତରେ ଥରେ କି ଦୁଇଥର ନୁହଁ ପାଞ୍ଚ ପାଞ୍ଚଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଛି ।ଝାଡଖଣ୍ଡରେ ଲଗାଣ ବର୍ଷା ଏବଂ ଏହାର ଉଦବୃତ୍ତ ବନ୍ୟା ପାଣି ଯୋଗୁଁ ଏମିତି ପରିସ୍ଥିତି ଉପୁଜୁଥିବା ସ୍ଥାନ୍ୟୀ ଅଂଚଳବାସି କହିଛନ୍ତି ।ଆଗାରୁ ବନ୍ୟା ଆସିଛି ସତ କିନ୍ତୁ ଏମିତି ନୁହଁ । ବର୍ଷକରେ ସର୍ବାଧିକ ଦୁଇରୁ ତିନିଥର ବନ୍ୟା ଆସିଥାଏ ତାହା ପୁଣି ୧୫ ଦିନ ,ମାସେ କିମ୍ବା ଦୁଇମାସ ଅନ୍ତରରେ ।ତେବେ ଚଳିତ ବର୍ଷ ବନ୍ୟା ସବୁ ରେକର୍ଡ ଭାଙ୍ଗି ଦେଇଛି । ଚଳିତ ବର୍ଷ ସୁବନଯର୍ଣରେଖା ନଦୀରେ ପ୍ରଥମ ବନ୍ୟା ଜୁନ ୨୦ ତାରିଖରେ ଆସିଥିବା ବେଳେ ଜୁନ ୩୦ରେ ଦ୍ୱିତୀୟ ବନ୍ୟା ,ଜୁଲାଇ ୮ରେ ତୃତୀୟ ବନ୍ୟା,ଜୁଲାଇ ୧୭ରେ ଚତୁର୍ଥ ଏବଂ ୨୬ରେ ପଞ୍ଚମ ଥି ପାଇଁ ବନ୍ୟା ଆସିଛି ।ଗୋଟିଏ ପ୍ରକାର କହିବାକୁ ଗଲେ ବନ୍ୟା ପାଣି ଜୁନ ୨୦ରୁ ଅଦ୍ୟାବଧି ସଂପୂର୍ଣ୍ଣ ଛାଡିନାହିଁ । ଝାଡଖନ୍ଡର ବନ୍ୟା ପାଣି ପାଇଁ ବାରମ୍ବାର ଲୋକେ ଦୁର୍ଦ୍ଦଶା ଭୋଗୁଥିବାରୁ ଲୋକେ ଏହି ବନ୍ୟା ପାଇଁ ପ୍ରଶାସନକୁ ଦାୟୀ କଲେଣି ।ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକ ସର୍ବାଧିକ କ୍ଷତି ହେଉଛି ।ଏହା ଫଳରେ କେବଳ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୫୦ ରୁ ଉର୍ଦ୍ଧ ଗ୍ରାମର ୬୦ ହଜାର ଜନସାଧାରଣ ଏବଂ ୨୦ ହଜାର ରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ଯନ୍ତ୍ରଣା ଭୋଗୁଛନ୍ତି । ଚାଷ ବାସ ସବୁ କିଛି ଉଜୁଡିଯାଇଛି ।ଜୀବନ ଜିବିକା ଉପରେ ପଡିଛି ଏହାର ପ୍ରଭାବ ।ଚାଷ ଏବଂ ଦିନ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିବା ଲୋକେ ବର୍ଷ ତମାମା ନିଜର ପରିବାର ମୁହଁରେ କିଭଳି ଦାନା ଯୋଗାଇବେ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ତାଙ୍କର ଆଖିରେ ନିନ୍ଦ ନାହିଁ ।ସରକାରଙ୍କର ଲୋକ ଦେଖାଣିଆ ଚୁଡା ଚାଉଳ ଦରଦ ଲୋକେ ଏବେ ଖୋଜୁନଥିବା କହିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକେ ସରକାରଙ୍କୁ ନେହୁରା ହୋଇଛନ୍ତି । ତେବେ ଆଜି ପଞ୍ଚମ ବନ୍ୟାର ଦ୍ୱିତୀୟ ଦିନରେ ମଧ ବନ୍ୟାପାଣି ଅପରିବର୍ତ୍ତୀତ ରହିଛି ।ଯଦିବା ଜଳସ୍ତର ରାଜାଘାଟ ଠାରେ ହ୍ରାସ ପାଇଛି ତେବେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ପାଣି ଛାଡିବାକୁ ଆହୁରି ଦିନେ ଦୁଇଦିନ ଲାଗିପାରେ ବୋଲି ଅନୁମାନ କରାଯାଉଛି । ଆଜି ମଧ ବନ୍ୟା ପ୍ରଭାବିତ ଅଂଚଳ ଗୁଡିକରେ ଲୋକେ ଘରୁ ବାହାରିବା ପାଇଁ ପାଓର ବୋଟ ଏବଂ ଦେଶୀ ଡଙ୍ଗା ଉପରେ ନିର୍ଭର କରୁଛନ୍ତି । ଆଜି ସକାଳେ ଅତିରିକ୍ତ ଏସଆରସି ମନିସ ଅଗ୍ରୱାଲ, ଏଡିଏମ ରେଭୀନ୍ୟୁ ହେମନ୍ତ କୁମାର ସିଂ, ଏଡିଏମ ମଧୁସ୍ମିତା ସାମନ୍ତରାୟ, ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ,ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ବିଭିନ୍ନ ବନ୍ୟା ଅଂଚଳ ପରିଦର୍ଶନ କରିଥିଲେ ।ଆଜି ପ୍ରସାନ ପକ୍ଷରୁ ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ, ବଡତାଳପଦା, ଲକପାଳ , ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ, ଚରବସ୍ତ କାଳୁଇ ଗ୍ରାମରେ ଦୁ ହଜାର ରୁ ଉର୍ଦ୍ଧ୍ବ ଲୋକଙ୍କୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି । ସେହିପରି ବିଭୀନ୍ନ ବନ୍ୟା ଅଂଚଳକୁ ପ୍ରଶାସନ ପକ୍ଷରୁ ୧୦୦ କୁଇଣ୍ଟାଲ ଚୁଡା ଏବଂ ୧୦ କୁଇଣ୍ଟାଲ ଗୁଡ ଯୋଗାଇ ଦିଆଯାଇଥିବା ଯୋଗାଣ ଅଧିକାରୀ ଶ୍ରୀ ରଥ ସୂଚନା ଦଦେଇଛନ୍ତି ।ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବ୍ଲକ କାର୍ଯ୍ୟାଳୟରେ ପହଂଚି ବନ୍ୟାର ସମୀକ୍ଷା କରି ଫେରିଛନ୍ତି । ତେବେ ବନ୍ୟା ଛାଡିବା ପରେ ସମସ୍ତ ପ୍ରକାର କ୍ଷୟକ୍ଷତିର ଆକଳନ କରାଯାଇ ସରକାରଙ୍କ ନିୟମ ମୂତାବକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ବେତନଟୀ ଓ ବଡ଼ସାହି ବ୍ଲକସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣିର ସମୀକ୍ଷା କଲେ ବିଧାୟକ




ବେତନଟୀ, ୨୯/୭ (ନି.ପ୍ର): ବଡସାହି ନିର୍ବାଚନମଣ୍ଡଳୀର ବିଧାୟକ ସନାତନ ବିଜୁଳିଙ୍କ ଉଦ୍ୟମରେ ଚଳିତବର୍ଷ ଜୁନ ୨୫ ତାରିଖରେ ବେତନଟୀ ବ୍ଲକ ପରିସରରେ ବେତନଟୀ ଓ ବଡ଼ସାହି ବ୍ଳକସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ସୋମବାର ଏହାର ସମୀକ୍ଷା କରିଛନ୍ତି ବିଧାୟକ ଶ୍ରୀଯୁକ୍ତ ବିଜୁଳି।
ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ସଂଯୋଜନାରେ ଏବଂ ପରିଚାଳନାରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀଯୁକ୍ତ ବିଜୁଳିଙ୍କ ସମେତ ଏବିଡିଓ ଗଗନବିହାରୀ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ପଞ୍ଚାୟତିରାଜ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ସମେତ ଲାଇନଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଜୁନ ୨୫ତାରିଖରେ ହୋଇଯାଇଥିବା ବେତନଟୀ ଓ ବଡ଼ସାହି ବ୍ଳକସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏଥିରେ ସର୍ବମୋଟ ୯ଶହ ୪୯ଟି ଅଭିଯୋଗର କରାଯାଇଥିବା ବେଳେ ତନ୍ମଧ୍ୟରୁ ୫ଶହ ୫୨ଟି ଅଭିଯୋଗର ସମାଧାନ କରାଯାଇଥିବା ନେଇ ସୋମବାର ଆୟୋଜିତ ସମୀକ୍ଷା ବୈଠକରେ ରିପୋର୍ଟ ପ୍ରକାଶ କରାଯାଇଛି। ସେହି ଭଳି ଅବଶିଷ୍ଟ ୩୯୭ଟି ଅଭିଯୋଗ ବିଭିନ୍ନ କାରଣ ପାଇଁ ବିଚାରାଧୀନ ରହିଛି ।ତେବେ ପ୍ରଥମକରି ବେତନଟୀଠାରେ ବେତନଟୀ ଏବଂ ବଡସାହି ବ୍ଲକ ନିମନ୍ତେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଇ ସାଧାରଣ ଲୋକ ବାରିପଦା ପରିବର୍ତ୍ତେ ବେତନଟୀରେ ଜିଲ୍ଲାପାଳ ଏବଂ ଏସ୍ ?ପିଙ୍କୁ ପ୍ରତ୍ୟକ୍ଷ ଭାବରେ ନିଜର ଅଭିଯୋଗ ଦାଖଲ କରିପାରିଥିବାରୁ ଅଞ୍ଚଳବାସୀ ବିଧାୟକ ଶ୍ରୀଯୁକ୍ତ ବିଜୁଳିଙ୍କ ଉଦ୍ୟମକୁ ସ୍ୱାଗତ ଜଣାଇଥିବାବେଳେ ଉକ୍ତ ଶିବିରରେ ଦାଖଲ ହୋଇଥିବା ପଞ୍ଜିକୃତ ସମସ୍ୟାଗୁଡିକର ସମାଧାନ ତଥା ବିଚାରାଧୀନ ଅବଶିଷ୍ଟ ଅଭିଯୋଗଗୁଡିକର କିଭଳି ସମାଧାନ ହୋଇପାରିବ ସେନେଇ ଆଜିର ସମୀକ୍ଷା ବୈଠକକୁ ନେଇ ବିଧାୟକଙ୍କ ଜନସାଧାରଣଙ୍କ ପ୍ରତି ଦାୟିତ୍ୱବୋଧ ଏବଂ ପ୍ରତିଶୃତିବଦ୍ଧତା ବେଶ୍ ପ୍ରମାଣିତ ହୋଇଛି। ପରିଚାଳନାରେ ବ୍ଲକ କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

# ଗଣତନ୍ତ୍ର ଶାସନକୁ ଶାଣିତ କରିଛି ରାଜନୀତି ବିଜ୍ଞାନ : ପ୍ରମୋଦ କୁମାର ରାଉତ

ଉଦଳା , ୨୯/୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ବସନ୍ତ କୁମାର ପାତ୍ର ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ନବାଗତ ଛାତ୍ର ଛାତ୍ରୀ ମାନେ ରାଜନୀତି ବିଜ୍ଞାନ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରି ଦେଶରେ ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ଅଧିକ ଶାଣିତ କରିବାରେ ରାଜନୀତି ବିଜ୍ଞାନ କିପରି ପ୍ରମୁଖ ଭୂମିକା ନେଇଛି ବ୍ୟକ୍ତ କରିଥିଲେ । ଅଧ୍ୟାପକ ଡ଼. ନିରଂଜନ ପାଠୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସମଗ୍ର ପୃଥିବୀର ବିଭିନ୍ନ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ବୁଝିବା ପାଇଁ ହେଲେ ରାନୀତି ବିଜ୍ଞାନ ଅଧ୍ୟୟନର ଆବଶ୍ୟକତା ରହିଛି ବୋଲି ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି, ରମେଶ ଚନ୍ଦ୍ର ନାୟକ, ଅଧ୍ୟାପିକା ଡ଼. ଶୁଭଦର୍ଶନି ମହାନ୍ତି ଓ ଡ଼. ସାଗରିକା ପଣ୍ଡା ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟରେ ନିଜ ନିଜର କଥା ରଖିଥିଲେ । ଅଧ୍ୟାପିକା କମଳିନି ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀ ଚିନ୍ମୟ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧ୍ୟାପକ ଲବ ଟୁଡୁ ଓ ମନୋରଂଜନ ମଲିକ ସହଯୋଗ କରିଥିଲେ ।

## ଆଦିବାସୀ ଜୀବନ ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସେମାନଙ୍କ ଅତିବ ପବିତ୍ରତମ ଲାଲ ବଙ୍ଗଳାକୁ ଅନ୍ୟ ମାନଙ୍କୁ ନିଷିଦ୍ଧ କରିବାର ବଡ଼ କାରଣ ହେଉଛି ସେମାନଙ୍କର ଏଯାବତ୍ ଦୃଢ଼ ବିଶ୍ୱାସ ରହିଛି ଯେ ବାହାରେ ରହୁଥିବା ଲୋକ ବା ସହରର ଲୋକମାନେ ସେମାନଙ୍କର କୌଣସି ଜାତି ନଥାଏ। ତେଣୁ ଜାତି ନଥିବା ଏହି ବାହାରର ଲୋକ ଲାଲ ବଙ୍ଗଳାକୁ ପ୍ରବେଶ କଲେ ସେମାନଙ୍କ ଜାତି ଚାଲିଯିବ ଓ ମା'ସୁନାଦୀ ଦେବୀ କୋପ କରିବା ସହ ଘରର କ୍ଷତି କରିବେ। ସେମାନଙ୍କ ନିଜ ରହଣୀ ଘର ଠାରୁ ଲାଲ ବଙ୍ଗଳା ଅତିବ ପବିତ୍ର, ପରିଷ୍କାର ପରିଚ୍ଛନ୍ନ ଓ ସ୍ୱତନ୍ତ୍ର। ସେମାନଙ୍କ ପ୍ରଥମରୁ ହିଁ ବିଶ୍ୱାସ ରହିଛି ଯେ ଏହି ଲାଲ ବଙ୍ଗଳାର ଅଧିଶ୍ୱରୀ ଠାକୁରାଣୀ ସୁନାଦୀ ଦେବୀ ସ୍ୱୟଂ କୁଆଡ଼େ ଆଦେଶ କରିଥିଲେ 'ଏହି ଲାଲ ବଙ୍ଗଳାକୁ ପବିତ୍ର ଭାବେ ବିଚାର କରି କେବଳ ନଡ଼ା ଛପରରେ ଏହାର ଛାତ ହେବ। ନିଜେ ହାତରେ ଧାନକୁଟି ଖାଇବା ସହ ବାହାର ଲୋକଙ୍କୁ ପ୍ରବେଶ ନିଷିଦ୍ଧ ରଖିବ।' ସେହିଦିନ ଠାରୁ ଏଯାବତ୍ ଚକଟିଆ ଭୁଞ୍ଜିଆମାନେ ସୁନାଦୀ ଦେବୀଙ୍କ ଆଜ୍ଞାକୁ ଦୈବୀ ଆଜ୍ଞା ଭାବେ ବିଶ୍ୱାସ କରି ନୀତିନିୟମକୁ ପାଳନ କରି ଆସୁଛନ୍ତି। କିଛି ବର୍ଷ ତଳେ ଏକ ପୋଲିସ ଦଳ ଲାଲ ବଙ୍ଗଳାକୁ କୌଣସି ସର୍ଚ୍ଚ ଅପରେସନ କାର୍ଯ୍ୟରେ ଛୁଇଁ ଦେଇଥିବାରୁ ସେମାନେ ତୁରନ୍ତ ଏହାକୁ ପୋଡ଼ି ଦେଇ ନୂଆ ଲାଲ ବଙ୍ଗଳା ତିଆରି କରିଥିଲେ। ଏହି ଲାଲ ବଙ୍ଗଳାକୁ ନେଇ ଗଣମାଧ୍ୟମରେ ଅନେକ ଖବର ପ୍ରକାଶ ପାଉଛି ଓ ଅନେକ ଗବେଷଣା ମଧ୍ୟ ଆରମ୍ଭ ହୋଇଛି। ତେବେ ଆଦିବାସୀଙ୍କ ଜୀବନ ଚଳଣୀରେ ଲାଲ ବଙ୍ଗଳା ଏକ ଅନନ୍ୟ ଓ ସ୍ୱତନ୍ତ୍ର ସଂସ୍କୃତିର ଜୀବନ ଧାରା କହିଲେ ଅତ୍ୟୁକ୍ତି ହେବନାହିଁ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କିଏ କହିବାରୁ ଅସ୍ତ୍ରବିରତି ...

ମୋଦି କହିଛନ୍ତି, "ମେ ୯ ତାରିଖ ରାତିରେ ଆମେରିକା ଉପରାଷ୍ଟ୍ରପତି ଫୋନ୍ କରିଥିଲେ। ବାରମ୍ବାର ଫୋନ୍ କରିଥିଲେ। କିନ୍ତୁ ମୁଁ ମିଟିଂରେ ବ୍ୟସ୍ତ ଥିବାରୁ ଫୋନ୍ ଉଠାଇ ପାରି ନଥିଲି। ଏହାପରେ ମୁଁ ତାଙ୍କୁ ଫୋନ କରିଥିଲି। ଏହି ସମୟରେ ସେ ମୋତେ କହିଥିଲେ ଯେ ପାକିସ୍ତାନ ବଡ଼ ଆକ୍ରମଣ କରିବାକୁ ଯାଉଛି। ମୁଁ ଏହାର ଜବାବରେ କହିଥିଲି ଯେ ପାକିସ୍ତାନ ଏପରି ଦୁଃସାହସ କଲେ ବହୁମୂଲ୍ୟ ଦେବାକୁ ପଡ଼ିବ। ଗୁଳିର ଜବାବ ଆମେ ଗୋଳାରେ ଦେବୁ କହି ତାଙ୍କୁ ଚେତାଇ ଦେଇଥିଲି।" ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିଜର ଅଭିଭାଷଣ ରଖିଥିଲେ। ଏହି ସମୟରେ ସେ ମୋଦିଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଲୋକସଭାରେ ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଜଣେ ମିଛୁଆ କହି ପାରିବେ କି ବୋଲି ରାହୁଲ ପ୍ରଶ୍ନ କରିଥିଲେ। ହେଲେ ମୋଦି ଏ ବିଷୟରେ କିଛି କହିବା ବଦଳରେ କଂଗ୍ରେସର ଜାତୀୟ ସୁରକ୍ଷାର ଭିଜନ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଦେଶର ପ୍ରଧାନମନ୍ତ୍ରୀ ନେହରୁ ପାକିସ୍ତାନକୁ ସୁହାଇଲା ଭଳି କେଉଁ ସବୁ ଚୁକ୍ତି କରିଥିଲେ, ସେକଥା ଦେଶକୁ ଜଣାଇଛନ୍ତି। ଅପରେସନ ସିନ୍ଦୂର ବିତର୍କରେ ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି, ''ସଂସଦ ହେଉଛି ଭାରତର ଗୌରବ ଗାନ କରିବାର କ୍ଷେତ୍ର। ଯେଉଁମାନଙ୍କୁ ଭାରତର ପକ୍ଷ ଦଶୁନି, ସେମାନଙ୍କୁ ଆଇନା ଦେଖାଇବାକୁ ଆସିଛି। ୧୪୦ କୋଟି ଦେଶବାସୀଙ୍କ ଭାବନା ସହ ସ୍ୱର ମିଳାଇବାକୁ ଛିଡ଼ା ହୋଇଛି। ପହଲଗାମ ଘଟଣା ଏହା ନିଷ୍ଠୁରତାର ଚରମ କାର୍ଯ୍ୟ ଥିଲା। ଆମର ସଂକଳ୍ପ ଥିଲା ଆତଙ୍କୀଙ୍କୁ ମାଟିରେ ମିଶାଇବୁ। ୬ ମେ' ରାତିରେ ୨୨ ମିନିଟ୍‌ରେ ୨୨ ଏପ୍ରିଲର ଜବାବ ଦେଲୁ। ପୂର୍ବରୁ ଅନେକ ଥର ପାକିସ୍ତାନ ସହ ମୁକାବିଲା ହୋଇଛି। ପାକିସ୍ତାନର ନ୍ୟୁକ୍ଲିୟର ଧମକକୁ ମିଛ ସାବ୍ୟସ୍ତ କରି ଦିଆଗଲା। ଅପରେସନ ସିନ୍ଦୂର ସଫଳତାରୁ ଆମକୁ ୩ଟି ସୂତ୍ର ମିଳିଛି। ୧-ଆପଣଙ୍କୁ ଆପଣଙ୍କ ତରିକାରେ ହିଁ ଜବାବ ଦେବୁ। ୨- ନ୍ୟୁକ୍ଲିୟର ବ୍ଲାକ ମେଲିଂ ବରଦାସ୍ତ କରାଯିବ ନାହିଁ। ୩- ଆତଙ୍କବଦୀ ଓ ଆତଙ୍କୀ ରାଷ୍ଟ୍ରକୁ ଭିନ୍ନ ଭାବେ ଦେଖିବୁ ନାହିଁ।" କଂଗ୍ରେସକୁ ଟାର୍ଗେଟ କରି ମୋଦି କହିଛନ୍ତି, "ଅପରେସନ ସିନ୍ଦୂରରେ ସାରା ବିଶ୍ୱରୁ ଭାରତକୁ ସମର୍ଥନ ମିଳିଲା। ମାତ୍ର ଦେଶ ଭିତରୁ ଆମ ସେନାକୁ ସମର୍ଥନ ମିଳିଲା ନାହିଁ। କଂଗ୍ରେସ ପକ୍ଷରୁ କୌଣସି ସମର୍ଥନ ମିଳିଲା ନାହିଁ। ସର୍ଜିକାଲ ଷ୍ଟ୍ରାଇକ ବେଳେ ରଣନୀତି ବି ପ୍ରସ୍ତୁତ ହୋଇଥିଲା। କିପରି ଆତଙ୍କୀ ଆଡ୍ଡାକୁ ଟାର୍ଗେଟ୍ କରିପାରିବୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ। ଆମର ଲକ୍ଷ୍ୟ ଆତଙ୍କୀ ଆଡ୍ଡା ଥିଲା। ସାରା ବିଶ୍ୱକୁ ଜଣାଇଥିଲୁ। ୯ ତାରିଖ ରାତିରେ ଆମ ମିଜାଇଲ୍ ପାକିସ୍ତାନରେ ପ୍ରଚଣ୍ଡ ପ୍ରହାର କଲା। ଏହାପରେ ପାକିସ୍ତାନ ଡିଏଗଙ୍କ ଫୋନ୍ ଆସିଲା। ସେମାନେ ଆମ ଆଗରେ ଆକ୍ରମଣ ବନ୍ଦ କରିବାକୁ ନେହୁରା ହେଲେ। ଏହାପରେ ଭାରତ ଆକ୍ରମଣ ବନ୍ଦ କରିଥିଲା।"
ଅପରେସନ୍ ସିନ୍ଦୂରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଅପରେସନ୍ ସିନ୍ଦୂର ଜାରି ରହିଛି। କଂଗ୍ରେସକୁ ଟାର୍ଗେଟ କରି ମୋଦି ଆହୁରି କହିଛନ୍ତି, "କଂଗ୍ରେସ ନେତାମାନେ ପାକିସ୍ତାନକୁ କ୍ଲିନଚିଟ୍ ? ଦେଇ ସାରିଛନ୍ତି। ଭାରତ ଆତ୍ମନିର୍ଭରଶୀଳ ଆଡ଼େ ବଢୁଥିଲା ବେଳେ କଂଗ୍ରେସ ପଛରୁ ଟାଣୁଛି। ପ୍ରଥମେ ଅପରେସନ୍ ସିନ୍ଦୂରକୁ ସମାଲୋଚନା କରିବା ପରେ ଅସ୍ତ୍ରବିରତିକୁ ବିରୋଧ କରାଯାଇଛି। କିଛି ଗଡ଼ବଡ଼ ହେଲେ ମୋଦି ଫସିବେ ହେଉଛି କଂଗ୍ରେସର ଉଦ୍ଦେଶ୍ୟ। ଯାହା ପାକିସ୍ତାନ କରିବା କଥା ତାହା କଂଗ୍ରେସ କରୁଛି। ମେ' ୯ରେ ପାକିସ୍ତାନ ଶତାଧିକ ମିଜାଇଲ୍ ? ଓ ଡ୍ରୋନ୍ ଫିଙ୍ଗିଥିଲା। ଭାରତର ଏୟାର୍ ଡିଫେନ୍ସ ମଝି ଆକାଶରେ ହିଁ ସେଗୁଡ଼ିକୁ ଶେଷ କରିଦେଲା। କଂଗ୍ରେସ କାଳରେ ସେନାକୁ ଆତ୍ମନିର୍ଭର କରିବାକୁ ଚେଷ୍ଟା କରାଗଲାନି। ପ୍ରତିରକ୍ଷା ଚୁକ୍ତି ବେଳେ ବ୍ୟକ୍ତିଗତ ଫାଇଦାକୁ ଗୁରୁତ୍ୱ ଦିଆଯାଉଥିଲା।" ପାକିସ୍ତାନ ଅଧିକୃତ କଶ୍ମୀରକୁ କବ୍‌ଜା କରିବା ସୁଯୋଗ କଂଗ୍ରେସ ହାତଛଡ଼ା କରିଥିଲା ବୋଲି ମୋଦି କହିଛନ୍ତି। ୧୯୭୧ ଯୁଦ୍ଧରେ ପାକିସ୍ତାନର ୯୩ ହଜାର ଯବାନ ଆତ୍ମସମର୍ପଣ କରିଥିଲେ। ପ୍ରାୟ ୧ ହଜାର କିମି ପର୍ଯ୍ୟନ୍ତ ଭାରତୀୟ ସେନା ପାକିସ୍ତାନ ଭିତରେ ପ୍ରବେଶ କରିଥିଲେ। ଯଦି କଂଗ୍ରେସ ସରକାର ଟିକେ ଚିନ୍ତା କରିଥାନ୍ତା, ତା'ହେଲେ ଚକ୍କ ଭାରତକୁ ଆସିଥାନ୍ତା। ମାତ୍ର ସେତେବେଳେ ଚକ୍କ ନେଇ କିଛି ପ୍ରସ୍ତାବ ରଖି ନ ଥିଲା ବୋଲି ମୋଦି କହିଛନ୍ତି।

### ଗିରଫ ହୋଇପାରନ୍ତି ...

ଦେଇଥିବା ରାୟର ନକଲ କପିରେ କୋର୍ଟ ଟିପ୍ପଣୀ କରିଛନ୍ତି ଯେ, ଦୁର୍ନୀତିର କ୍ଷମତା ଛାଇ ପରି । କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଛାଇ ପରି ଗୋଡ଼ାଇଥାଏ ଦୁର୍ନୀତି । ଆବେଦନକାରୀ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ହୋଇଥିବାରୁ ସେ ଖୁବ୍ କ୍ଷମତାଶାଳୀ । ହାଇକୋର୍ଟ କହିଛନ୍ତି, ରେକର୍ଡରେ ଥିବା ପ୍ରମାଣ ଆଧାରରେ ଆବେଦନକାରୀଙ୍କ ଦୁର୍ନୀତିର ଅବାଧ ତଦନ୍ତ ଜରୁରୀ । ଆବେଦନକାରୀ ଉଚ୍ଚ ପଦବୀରେ ଥିବାରୁ ଅଧିକ ଉତ୍ତରଦାୟୀ ହେବା ଉଚିତ । ଏଭଳି ଗୁରୁତର ମାମଲାରେ ଆବେଦନକାରୀଙ୍କୁ ଆଗୁଆ ଜାମିନ ମିଳିପାରିବନି । ୧୦ ଲକ୍ଷ ଲାଞ୍ଚ କାରବାରରେ ଆବେଦନକାରୀଙ୍କ ସଂପୃକ୍ତି ଥିବା ସିବିଆଇ କହିଛି । ଆବେଦନକାରୀଙ୍କ ଝିଅ ଓ ସ୍ତ୍ରୀଙ୍କୁ ଦାମୀ ଉପହାର ଦେଇଛନ୍ତି ଅନ୍ୟତମ ଅଭିଯୁକ୍ତ ଦେବଦତ୍ତ ମହାପାତ୍ର । ବିଷ୍ଣୁପଦଙ୍କ ଝିଅ ମାକ୍ ବୁକ୍ ଓ ଲଗଜୁରି ଘଣ୍ଟା ଉପହାରରେ ନେଇଥିବା ସିବିଆଇ କହିଛି । ଦେବଦତ୍ତଙ୍କ ନାଁରେ ରେଜିଷ୍ଟ୍ରେସନ୍ ହୋଇଥିବା ମୋବାଇଲରୁ ବିଷ୍ଣୁପଦ ହ୍ୱାଟସ୍‌ଆପ୍ ବ୍ୟବହାର କରିଛନ୍ତି । ଅଭିଯୁକ୍ତ ଚଞ୍ଚଲ୍ ମୁଖାର୍ଜୀଙ୍କ ଫୋନରୁ ଦେବଦତ୍ତଙ୍କୁ କଲ୍ କରିଥିଲେ ବିଷ୍ଣୁପଦ ସେଠୀ । ଏହାର ରେକର୍ଡିଂ ଉପଲବ୍ଧ ଥିବା ସିବିଆଇ ଦାବି କରିଛି । ସିଏଫ୍‌ଏସ୍‌ଏଲ୍ ରିପୋର୍ଟରୁ କଣ୍ଠସ୍ୱର ବିଷ୍ଣୁପଦଙ୍କ ସହ ମେଳ ଖାଉଥିବା ଜଣାପଡ଼ିଛି । ୨୦୨୪ ଡିସେମ୍ବର ୭ ତାରିଖ ରାତିରେ ରାଜଧାନୀର ଏକ ତାରକା ହୋଟେଲ୍ ସମ୍ମୁଖ ରାସ୍ତାରେ ସିବିଆଇ ଟିମ୍ ଦୁଇଟି ଗାଡ଼ିକୁ ଅଟକାଇଥିଲା । ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ୍‌ର ଜେନେରାଲ୍ ମ୍ୟାନେଜର ଚଞ୍ଚଲ୍ ମୁଖାର୍ଜୀ, ସ୍ପେଶାଲ୍ କ୍ଲାସ୍ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ର ଓ କଣ୍ଟ୍ରାକ୍ଟର ସନ୍ତୋଷ ମହାରଣାଙ୍କୁ ଗିରଫ କରିଥିଲା । ଠିକାଦାର ଦେବଦତ୍ତଙ୍କ ଗାଡ଼ିରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା ଓ ସେହି ଗାଡ଼ିରେ ଥିଲେ ଚଞ୍ଚଲ୍ ମୁଖାର୍ଜୀ । ନୂଆ ଠିକା କାମ ଓ ପୁରୁଣା କାମର ବିଲ୍ ପାସ୍ କରାଇବା ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ବେଳେ ମାଡ଼ି ବସିଥିଲା ସିବିଆଇ । ବିଷ୍ଣୁପଦ ସେଠୀଙ୍କ ନିର୍ଦ୍ଦେଶରେ ଏହି ଲାଞ୍ଚ କାରବାର ହୋଇଥିବା ଅଭିଯୋଗ କରି ମାମଲା ରୁଜୁ କରିଛି ସିବିଆଇ ।

### ସାତକୋଶିଆ...

କହିଛନ୍ତି ଶିମିଳିପାଳ ପରେ ଏବେ ଦେବ୍ରିଗଡରେ ଏକ ବାଘ ପ୍ରକଳ୍ପ କରିବା ନେଇ ଯୋଜନା କରୁଛି ବିଭାଗ। ସେଥିପାଇଁ କେନ୍ଦ୍ର ସରକାର ଦେବ୍ରିଗଡରେ ଏକ ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ କରିଛନ୍ତି ।ଏହାକୁ ନେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି। ଏହି ଟିମ ଦେବ୍ରୀଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ। ତେବେ ଏହି ସାମାନ୍ୟ ଲମ୍ବା ହୋଇପାରେ।

### ଅସୁରକ୍ଷିତ ଆମେରିକା...

ମନହାଟନରେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲେ। ତେବେ ଆମେରିକାରେ ଦିନକୁ ଦିନ ବଢୁଛି ଗୁଳିକାଣ୍ଡ ଘଟଣା । କେବେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ଗୁଳିମାଡ ତ ପୁଣି କେବେ ରେସ୍ତୋରାଁରେ ଆଖିବୁଜା ଗୁଳିବର୍ଷା । କେବେ ଭାରତୀୟଙ୍କୁ ବିଚ ରାସ୍ତାରେ ହତ୍ୟା ତ ପୁଣି କେବେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଗୁଳିଫୁଟୁଛି ଓ ଦ୍ରୁତ ଗତିର ଟ୍ରକ ମାଡ଼ିଯାଉଛି । ଦୁନିଆର ସବୁଠୁ ଶକ୍ତିଶାଳୀ, ସୁରକ୍ଷିତ ଓ ସମୃଦ୍ଧଶାଳୀ ଦେଶ ବୋଲାଉଥିବା ଆମେରିକାରେ ଯେଉଁଭାବରେ ଗୁଳିକାଣ୍ଡ ଘଟଣା ବଢୁଛି ତାହା ଯେତିକି ଚିନ୍ତାଜନକ ସେତିକି ପ୍ରଶ୍ନ ମଧ ସୃଷ୍ଟି କରୁଛି । ଆମେରିକାରେ ଜନସଂଖ୍ୟାଠୁ ବନ୍ଧୁକ ସଂଖ୍ୟା ଅଧିକ । ଏଠାରେ ବନ୍ଧୁକ ରଖିବା ଲୋକଙ୍କର ସାମ୍ବିଧାନିକ ଅଧିକାର। ଦୋକାନ ବଜାରରେ ବନ୍ଧୁକ ବିକ୍ରି ହୁଏ। ପ୍ରତି ସପ୍ତାହାନ୍ତରେ ବନ୍ଧୁକ ପ୍ରଦର୍ଶନୀ ଅନୁଷ୍ଠିତ ହୁଏ। ସେଠାରେ ୱାଲମାର୍ଟ ଭଳି ବଡ଼ କମ୍ପାନିର ଷ୍ଟୋରରୁ ଆରମ୍ଭ କରି ଛୋଟ ଦୋକାନ ପର୍ଯ୍ୟନ୍ତ ବନ୍ଧୁକ ବିକ୍ରି ହୁଏ । ଗନ୍ କଲଚର ପାଇଁ ୫୦ ବର୍ଷ ମଧ୍ୟରେ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇସାରିଛି । ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାଷ୍ଟ୍ରରେ ଦିନରାତି ସବୁ ସମୟ ଅସୁରକ୍ଷିତ ସେହି ଦେଶରେ ଗନ କଲଚର କାହିଁକି ବନ୍ଦ କରାଯାଉନି ? ଅନ୍ୟଦେଶକୁ ବିପଦପୂର୍ଣ୍ଣ କହି ସେଠାକୁ ନଯିବାକୁ କହୁଛନ୍ତି ଆମେରିକା ରାଷ୍ଟ୍ରପତି କିନ୍ତୁ ନିଜ ଦେଶବାସୀଙ୍କ ସୁରକ୍ଷା ପାଇଁ କାହିଁକି କଠୋର ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ।

ବୁଧବାର, ଜୁଲାଇ ୩୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆଧାର ନାହିଁ ବୋଲି କଲେନାହିଁ ଆଡ୍‌ମିସନ: ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାସନ୍ତି

ଉଦଳା , ୨୯/୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ କୁଟଲିଂ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଠାକୁରା ମାଝୀଙ୍କର ୧୩ ବର୍ଷ ବୟସର କନ୍ୟା 'ବାସନ୍ତି' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ବାସନ୍ତି' ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମଶ୍ରେଣୀ ପାସ କରିଛନ୍ତି । ପରେ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ ବିଦ୍ୟାଳୟର କର୍ତ୍ତୃପକ୍ଷ ଆଧାର କାର୍ଡ଼ ମାଗିଲେ । 'ବାସନ୍ତି'ଙ୍କର ଆଧାର କାର୍ଡ଼ ନଥିବାରୁ ସେ ନାମ ଲେଖାଇନପାରି ଫେରି ଆସିଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ସେହିପରି ପରିବାରକୁ ମିଳିଥିବା ରାସନ କାର୍ଡ଼ରେ 'ବାସନ୍ତି'ଙ୍କ ନାମ ଯୋଡ଼ାଯାଇ ପାରୁନଥିବାରୁ ମୁଣ୍ଡପିଛା ମିଳୁଥିବା ୫କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଠାକୁରା' ଝିଅ 'ବାସନ୍ତି'ଙ୍କୁ କୌଣସି ହଷ୍ଟେଲରେ ରଖିଦେବାକୁ ଗୁହାରି ଜଣାଇଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା କାରଣରୁ ଝିଅକୁ ପାଠ ପଢ଼ାଇବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇପଡ଼ିଛି ବୋଲି ସେ କହିଛନ୍ତି। ପ୍ରଥମରୁ ୧୪



ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ 'ବାସନ୍ତି'ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

## ପୈତୃକ ସମ୍ପତ୍ତି ଭାଗନପାଇ ନିରାଶ ଯୁବକ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଭିତରେ ଆତ୍ମାହୁତି ଧମକ

ନୀଳଗିରି, ୨୯/୭ (ନି.ପ୍ର): ଜୈନିକ ଯୁବକ ପୈତୃକ ସମ୍ପତି ଭାଗ ନପାଇ ଆଇନର ଆଶ୍ରୟ ନେବାପରେ ମଧ ନ୍ୟାୟ ନପାଇ ଶେଷର ଆଜି ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ପଶି ଆତ୍ମାହୁତି ଧମକ ଦେଇଥିଲେ। ଏପରିକି କାହାରି କଥା ନଶୁଣି ଜିଦରେ ଅଟଳ ରହିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଘଟିଛି । ବିବରଣୀ ଅନୁଯାଇ ନୀଳଗିରି ଥାନା ଅଧିନ କେନ୍ଦୁଖୁଣ୍ଟା ଗ୍ରାମର ବିଶ୍ୱନାଥ ବେହେରାଙ୍କ ୧୧ ସନ୍ତାନ ମଧ୍ୟରୁ ୬ ପୁତ୍ର ଏବଂ ୫ ଝିଅ ଅଛନ୍ତି। ୬ଜଣ ପୁଅଙ୍କ ମଧ୍ୟରେ ନିତ୍ୟାନନ୍ଦ, ସତ୍ୟାନନ୍ଦ, ବ୍ରହ୍ମାନନ୍ଦ, ଅଚ୍ୟୁତାନନ୍ଦ, ନିଗମାନନ୍ଦ, ଏବଂ ସଚ୍ଚିଦାନନ୍ଦ। ସଚ୍ଚିଦାନନ୍ଦ



ରୋଗାଗ୍ରସ୍ତ ହୋଇ ଘରେ ଶଯ୍ୟାଶାୟୀ ଥିବାବେଳେ ଅନ୍ୟଜଣେ ପୁଅ ଅଚ୍ୟୁତାନନ୍ଦଙ୍କୁ ବାଦଦେଇ ବାପା ବିଶ୍ୱନାଥ ଓ ଅନ୍ୟ ଚାରିପୁଅ ମିଶି ଅଚ୍ୟୁତାନନ୍ଦଙ୍କୁ ପୈତୃକ ସମ୍ପତ୍ତିର ଭାଗ ଦେଉନଥିଲେ। ତେଣୁ ସେ ନ୍ୟାୟପାଇଁ ମାନ୍ୟବର ନୀଳଗିରି ସିଭିଲ କୋର୍ଟରେ ଦ୍ୱାରସ୍ଥ ହେବା ସହିତ ନୀଳଗିରି ଥାନା, ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ଏସପି ଏବଂ ଜିଲ୍ଲାପାଳଙ୍କୁ ବହୁବାର ଲିଖିତ ଅଭିଯୋଗ କରିଥିଲେ । ପରେ ମାନ୍ୟବର କୋର୍ଟଙ୍କ ପକ୍ଷରୁ ଅଚ୍ୟୁତାନନ୍ଦଙ୍କ ସପକ୍ଷରେ ରାୟ ଆସିଥିଲେ ମଧ ଅଦ୍ୟାବଧି ସେ ପୈତୃକ ସମ୍ପତ୍ତି ପାଇବାରୁ ବଞ୍ଚିତ ହୋଇରହିଛନ୍ତି। ଅନ୍ୟପଟେ ଅଚ୍ୟୁତାନନ୍ଦଙ୍କର କୌଣସି ସନ୍ତାନ ସନ୍ତତି ନଥିବା ବେଳେ ସ୍ତ୍ରୀ ଗୌରୀମଣି ବେହେରା ଏବଂ ସ୍ୱାମୀ ଅଚ୍ୟୁତାନନ୍ଦଙ୍କୁ ଘରର ଅନ୍ୟସଦସ୍ୟ ମାନେ ପିଟାମରା କରିବା ସହିତ ସ୍ୱାମୀ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବାର ଧମକ ଦେବାରୁ ସ୍ୱାମୀ ଅଚ୍ୟୁତାନନ୍ଦଙ୍କୁ ଛାଡ଼ି ସ୍ତ୍ରୀ ଗୌରୀମଣି ୧୫ବର୍ଷ ଧରି ନିଜ ବାପଘରକୁ ପଳାଇ ଯାଇଛନ୍ତି। ତେବେ ଅଚ୍ୟୁତାନନ୍ଦ ଦୀର୍ଘବର୍ଷ ଧରି ନ୍ୟାୟନପାଇ ଚାରିଆଡୁ ନିରାଶ ହେବାପରେ ଶେଷରେ ଆତ୍ମଦାହ କରିବାର ଚରମନିଷ୍ପତି ନେଇଥିଲେ। ଆଜି ଅପରାହ୍ନ ପ୍ରାୟ ୫ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଭିତରକୁ ଯାଇ ଆତ୍ମାହୁତି ପାଇଁ ଚେତାବନୀ ଦେଇଥିଲେ ଏବଂ ସ୍ଥାନ ଛାଡ଼ି ଆସିନଥିଲେ। ଉପଜିଲ୍ଲାପାଳଙ୍କ ଦାଇତ୍ୱରେ ଥିବା ମଧୁସ୍ମିତା ସାମନ୍ତରାୟ କୌଣସି କାର୍ଯ୍ୟପାଇଁ ବାହାରକୁ ଯାଇଥିବାରୁ ତାଙ୍କୁ ସାକ୍ଷାତପାଇଁ ଜିଦ ଧରିଥିଲେ। ତେବେ ଖବରପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଙ୍କ ସମେତ ଅନନ୍ତ ମୁର୍ମୁ, ଶ୍ରୀନିବାସ ରାଉତ ଘଟଣାସ୍ଥଳରେ ପହଞ୍ଚି ବହୁ ବୁଝାସୁଝା ପରେ ଅଚ୍ୟୁତାନନ୍ଦ ଘରକୁ ଫେରିଥିଲେ । ଆସନ୍ତା କାଲି ପୁଣି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ମାଗିବେ, ଯଦି ଏଥିରେ ବିଫଳ ହୁଅନ୍ତି ତାହେଲେ ଆତ୍ମାହୁତି ଦେବେ ବୋଲି କହିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୨୯/୭ (ନି.ପ୍ର): ରସାଲପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଦିବସ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମକୁ ଡ଼ା.କୁମାର ଗୋପାଳ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଏବଂ ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ଗୋପାଲ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ। ମିଲି ଗୁରୁମା' ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦାନ କରି ନିଜ ବକ୍ତବ୍ୟରେ ପିଲାମାନଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷଟିଏ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମା' ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା' କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ।ପ୍ରତିମା ଗୁରୁମା' ପ୍ରାରମ୍ଭିକ ଭାଷଣ ରଖିଥିଲା ବେଳେ ମିତା ଗୁରୁମା' ପଞ୍ଚାଙ୍ଗ ବୋଲି ଥିଲେ। ଜ୍ୟୋସ୍ନା ଗୁରୁମା' ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ବିନୀତା ଗୁରୁମା,ଝୁନୀ ଗୁରୁମା', ମନୀଷା ଗୁରୁମା', ସରୋଜିନୀ ଗୁରୁମା', ଜ୍ୟୋତି ଗୁରୁମା', ପ୍ରଜ୍ଞାଶ୍ରୀ ଗୁରୁମା',ସୁକନ୍ୟା ଗୁରୁମା' ଓ ସେବୀକା ଅପା ପ୍ରମୁଖ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆ ମାନେ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ମାଆ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ତରଫରୁ ରନ୍ଧା ଖାଦ୍ୟ ବଣ୍ଟନ

ବାଲିଆପାଳ , ୨୯/୭ (ନି.ପ୍ର): ବାଲିଆପାଳ ବ୍ଲକର ବନ୍ୟା ବିପନ୍ନଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ପକ୍ଷରୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି ।ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ର ସଭାପତି ଶିବଶଙ୍କର ନାୟକଙ୍କ ନେତୃତ୍ୱରେ ବନ୍ୟା ବିପନ୍ନ ଲୋକମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି । ଫାଉଣ୍ଡେସନ ତରଫରୁ ଆଜି ୨୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲ ରେ ପ୍ରଶଂସା



କରାଯାଇଛି । ଉପସଭାପତି ଜ୍ୟୋତିର୍ମୟୀ ପାତ୍ର, ସଂପାଦକ ସୁଲୋଚନା ଗିରି , କୋଷାଧ୍ୟକ୍ଷ ଜୟଦେବ ମଲ୍ଲିକ, ପଙ୍କଜ କୁମାର ସାହୁ, ତାପସ ଦାସ, ଜିତେନ୍ଦ୍ର ମହାନ୍ତି, ସ୍ୱାଗତ ସାହୁ, ସୁଷମା ଦାସ, ଅଶ୍ୱିନୀ ଦାସ, ସୁମନ କୁମାର ଚଣ୍ଡ , ଆକାଶ ବେହେରା, ଗଜେନ୍ଦ୍ର ବେହେରା, ତପୁ ରାଉଳ , ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ଦେଓଘର ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୭ (ନି.ପ୍ର): ଝାରଖଣ୍ଡର ଦେଓଘରରେ କାଉଡିଆମାନଙ୍କ ବସ୍ ଦୁର୍ଘଟଣାରେ ଅନେକ କାଉଡିଆଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ,କ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଝାରଖଣ୍ଡର ଦେଓଘରରେ ଘଟିଥିବା ଏହି ଦୁଃଖଦ ଦୁର୍ଘଟଣାରେ କାଉଡିଆଙ୍କ ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଦୁଃଖିତ। ଶୋକସନ୍ତପ୍ତ ପରିବାରମାନଙ୍କୁ ମୁଁ ହୃଦୟରୁ ଶୋକ ସମବେଦନା ଜଣାଉଛି । ମହାପ୍ରଭୁ ଜଗନ୍ନାଥ ଓ ବାବା ବୈଦ୍ୟନାଥ ପ୍ରଭୁ ବିଦିତ ଆତ୍ମାମାନଙ୍କୁ ଶାଶ୍ୱତ ଶାନ୍ତି ଦିଅନ୍ତୁ, ତାଙ୍କର ପରିବାରମାନେ ଏହି ଦୁଃଖ ସହିବା ପାଇଁ ଶକ୍ତି ପାଆନ୍ତୁ ଓ ଆହତମାନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୁଅନ୍ତୁ, ଏହାହିଁ କାମନା କରୁଛି ।

## ମହିଳା, ଛାତ୍ରୀ ସୁରକ୍ଷା ଦାବି ନେଇ ବିଜେଡ଼ିର 'ଜିଲ୍ଲାପାଳ ଅଫିସ୍ ଚାଲ' କାର୍ଯ୍ୟକ୍ରମ

ଭଦ୍ରକ, ୨୯/୭ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ, ଭଦ୍ରକ ଜିଲ୍ଲା ବିଜେଡ଼ିର ସର୍ବମାନ୍ୟ ନେତା ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱ ଏବଂ ବିଜୁ ମହିଳା ଜନତା ଦଳର ଭଦ୍ରକ ବ୍ଲକ ସଭାନେତ୍ରୀ ଦେବୀଦତ୍ତା ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ ନିର୍ବାଚନ ମଣ୍ଡଳୀର ବିଜୁ ମହିଳା ଜନତା ଦଳ ତରଫରୁ ଆଜି ଦଳର 'ଭଦ୍ରକ ଜିଲ୍ଲାପାଳ ଅଫିସ୍ ଚାଲ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୧୦ ଘଟିକାରେ ଟାଉନ୍ ହଲ୍ ଛକଠାରୁ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଶ୍ରୀମତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟରେ ମହିଳା, ଛାତ୍ରୀ ଓ ଶିଶୁମାନେ ଅସୁରକ୍ଷିତ।




ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପ୍ରସଙ୍ଗକୁ ନେଇ ବିଜେଡ଼ି ମହିଳା କର୍ମୀମାନେ ସରକାରଙ୍କୁ ଦାୟୀ କରି ଭାଷଣ ରଖିଥିଲେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ମହୋଦୟଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ଦାବୀରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ହବିବ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡ଼ି ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ଟାଉନ୍ ସଭାପତି ଏମଡି ଜକାଉଲ୍ଲା, ସରପଞ୍ଚ ତିଲୋତ୍ତମା ମହାପାତ୍ର, ପଦ୍ମାବତୀ ପୃଷ୍ଟି, ମୀନାରାଣୀ ମହାଳିକ, ଅନୁସୁୟା ସେଠୀ, ବାସନ୍ତୀ ଜେନା, ସୁଚିସ୍ମିତା ସାହୁ, ଉର୍ମିଳା ଜେନା, ଗୌରୀ ମଲ୍ଲିକ, ରାଜଲକ୍ଷ୍ମୀ ଦାସ, ଜ୍ୟୋସ୍ନା ମଞ୍ଜରୀ ରାଉତ, ନାଜନିନ ଆଲମ, ରିହାନା ବିବି, ବିଶୁ ନାୟକ, ଯୋଗେନ୍ଦ୍ର ଘଡେଇ,ଅକ୍ଷୟ କୁମାର ମହାନ୍ତି, ରମେଶ ବେହେରା, କ୍ଷିରୋଦ ଚନ୍ଦ୍ର ଦାସ, ଦିଲ୍ଲୀପ ନାୟକ, ସୁଧାକର ମହାଳିକ, ଜାହିଦ ହବିବ, ପ୍ରିୟବ୍ରତ ନାୟକ, ଫରହାତ୍ ଆଲମ ଖାନ, ସାହୀଦ ଖାନ, ଅଞ୍ଜନ ଜେନା, ମନୋରଞ୍ଜନ ପୁହାଣ, ମେହେବୁବ ଖାନ, ଜାହିରୁଦ୍ଦିନ ଖାନ, ରଘୁନାଥ ପଣ୍ଡା, ପଙ୍କଜ ବଳ, ବିକାଶ ଶ୍ରେଷ୍ଠା, ଆଶିଷ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ମହାନ୍ତି, ବାବୁଲା ରାଉତ, କାହ୍ନୁ ମଲ୍ଲିକ, ମୁକ୍ତିକାନ୍ତ ସାହୁ, ସରୋଜ ଲେଙ୍କା, ପିତାମ୍ବର ମଲ୍ଲିକ, ବଟକୃଷ୍ଣ ଜେନା, ସୌମେନ୍ଦ୍ର ସାହୁ, ତାପସ କୁମାର ରାୟ, ଅମୂଲ୍ୟ ନାଥ, ତପନ ଦାସ, ଗଣେଶ ପଣ୍ଡା, ସୁବ୍ରତ କୁମାର ଦାସ, ଗୋପିନାଥ ନାୟକ, ମନିନ୍ଦ୍ର ମହାନ୍ତି, ବାବା ନାୟକ, ନିରୋଦ ରାଉତ, ଅଖତର ଅଲ୍ଲୀ, ଇମତିୟାଜ କମାଲ ଖାନ, ନାସିରୁଦ୍ଦିନ ଖାନ, ସୁମନ ମହାପାତ୍ର, ଦେବାଶିଷ ଭାରତୀ, ଜିତନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ବାବୁ ବାବୁ ନିର୍ଦ୍ଦେଶିତ ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ ମୁକ୍ତିଲାଭ

ଭୁବନେଶ୍ୱର, ୨୯/୭ (ନି.ପ୍ର): ଓଁସୋମ ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ ନୂଆ ଡ୍ୟାନ୍ସ ନମ୍ବର ମ୍ୟୁଜିକ୍ ଭିଡିଓ 'ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ' ମୁକ୍ତିଲାଭ କରିଛି । ଏହି ମ୍ୟୁଜିକ୍ ଭିଡିଓ ମୁକିଲାଭ ଅବସରରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ,ନିର୍ଦ୍ଦେଶକ ବାବୁ ବାବୁ ସମେତ ଅଭିନେତା ରିତେଶ ଓ ଅଭିନେତ୍ରୀ ସିମ୍ରନ୍ ଉପସ୍ଥିତ ରହି ସିଡ଼ି ଉନ୍ମୋଚନ କରିଥିଲେ । କେତେବେଳେ ଏକା ସାଙ୍ଗରେ ୧୦ ଟି ଆଧ୍ୟାତ୍ମିକ ଭଜନ ତ ଆଉ କେତେବେଳେ ୧୦ଟି ଆଧୁନିକ ମ୍ୟୁଜିକ୍ ଭିଡିଓ ରିଲିଜ୍ କରି ଚର୍ଚ୍ଚାରେ ରହୁଥିବା ଯୁବ ନିର୍ଦ୍ଦେଶକ ବାବୁ ବାବୁ ଏହି ମ୍ୟୁଜିକ୍ ଭିଡିଓଟିକୁ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଯୋଜନା କରିଛନ୍ତି ରାଜେନ୍ଦ୍ର ମାଥାନ୍ । ମୁଖ୍ୟ ନାୟକ ରିତେଶ ଏବଂ ନାୟିକା ଭାବେ ସିମ୍ରନ୍ ଦାଶ ଅଛନ୍ତି । ଏହା ଏକ ଡ୍ୟାନ୍ସ ନମ୍ବର ଗୀତ । କଣ୍ଠଦାନ କରିଛନ୍ତି ପ୍ରସିଦ୍ଧ ଲୋକପ୍ରିୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ଶତାବ୍ଦୀ ତନୟା । ଗୀତ ରଚନା ବିକୁ ବାବୁ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଏବଂ ବିଭୁନ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଡି ଦୀପକ । ବାବୁ ବାବୁ ଜଣେ ସଫଳ ନିର୍ଦ୍ଦେଶକ ଭାବେ ସବୁବେଳେ ସବୁଠି ପ୍ରଶଂସିତ ହୋଇଥାନ୍ତି । ଆଗକୁ ଏହି ଡ୍ୟାନ୍ସ ନମ୍ବର ମ୍ୟୁଜିକ୍ ଭିଡିଓ ଟି ସୁପରହିଟ ହେବ ଏବଂ ଆଗାମୀ ବାହାଘର ଋତୁ, ଗଣେଶ ପୂଜା, ଦୁର୍ଗା ପୂଜା ବଜାରକୁ ଜମେଇଦେବ ବୋଲି ଆଶା ରଖିଛନ୍ତି ।




## ମେରା ଯୁବା ଭାରତ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବଡ଼ସାହି , ୨୯/୭ (ନି.ପ୍ର): ଏହି ବ୍ଲକ ଅଧିନ ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ଫୋର୍ଡ଼ ନାଖରା ଓ ମେରା ଯୁବା ଭାରତ ( ମାଇଁ ଭାରତ ) ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମୟୂରଭଞ୍ଜ ମିଳିତ ଆନୁକୂଲ୍ୟରେ 'ମା ପାଇଁ ଗଛଟିଏ ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଫୋର୍ଡ଼ ର ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି - ମନୱାର ଖାନ ବନାଞ୍ଚଳ ଅଧିକାରୀ ବେତନଟୀ , ମୁଖ୍ୟବକ୍ତା ସୁବାଶ ଚନ୍ଦ୍ର ମହାପାତ୍ର (ଅର୍ଥନୈତିକ ଅଧ୍ୟାପକ ବୈଶିଙ୍ଗା ମହାବିଦ୍ୟାଳୟ) , ସମ୍ମାନୀୟ ଅତିଥି ସନ୍ତୋଷ କୁମାର ଦୁର୍ଗା (ଅବସର ପ୍ରାପ୍ତ ଜେଲ ଅଧକ୍ଷ) , ନିହାର ସାମଲ ସଂଯୋଜକ(ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟର ଜୀବନ ଜୀବିକା ) ମାଆକୁ ଯେଉଁଭଳି ସମସ୍ତେ ଭଲ ପାଆନ୍ତି ସେଥିପାଇଁ ମା ପାଇଁ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ ବିଜ୍ଞାନ ଯୁଗର ରାସ୍ତା , ଗୃହ ଓ କଳକାରଖାନା ନିର୍ମାଣ ଲାଗି ଯେଉଁଭଳି ଭାବେ ଅବାଧରେ ଗଛକଟା ଯାଉଅଛି ସେଥିରେ ପରିବେଶ ବିଗିଡି ଯିବା ସହିତ ଜୀବଜଗତ ପାଇଁ ବିପଦର କାରଣ ହେଉଅଛି । ପରିବାରର ସଦସ୍ୟଙ୍କର ଜନ୍ମଦିନ , ବିବାହ , ସୁଧକ୍ରୀୟା ଓ ବିଭିନ୍ନ ପର୍ବ ପର୍ବାଣୀଙ୍କୁ ସ୍ମୃତିରେ ରଖିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ଉଚିତ୍ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । ମା ପାଇଁ ଗଛଟିଏ କୁଇଜ୍ ପ୍ରତିଯୋଗିତାରେ ପ୍ରମାଣ ପତ୍ର ସହ ପୁରସ୍କାର ପାଇଁ ଗୋଟିଏ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା । ଯୁବକ, ଯୁବତୀ ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ପରିବେଶ ସମ୍ପର୍କିତ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ଯୁବକ ଯୁବତୀ , ଛାତ୍ର ଛାତ୍ରୀ,ବିଭିନ୍ନ ସଙ୍ଗଠନର ପ୍ରତିନିଧି ଯୋଗଦେଇଥିଲେ ଓ ସମସ୍ତେ ବୃକ୍ଷ ଲଗାଇ ପରିବେଶକୁ ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ। ଅତିଥି ଓ ଯୁବ ଗୋଷ୍ଠୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ସର୍ବଶେଷରେ ପ୍ରିୟଙ୍କା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୨୯/୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ସାପ୍ତାହିକ ସତସଙ୍ଗରେ, ଆଶ୍ରମର ପୂର୍ବତନ ଅଧକ୍ଷ ଆତ୍ମଜ୍ଞାନୀ ମୁନିରାଜ ପୂର୍ଣ୍ଣଚନ୍ଦ୍ର ପରିଡା ଙ୍କ ନାତୁଣୀ ତଥା ମୁନିମତୀ ସଂଯୁକ୍ତା ପରିଡାଙ୍କ ସୁକନ୍ୟା ମୁନିକୁମାରୀ ଆୟୁଷ୍ମତୀ ନିକିତା ପରିଡାଙ୍କ ଶୁଭ ଜନ୍ମଦିନ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଜୀଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ଅତିଥିଥିଲେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ । ବକ୍ତାଥିଲେ ଆଶ୍ରମର ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ମୁନି କୁମାରୀ ନିକିତାଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନ ଯାପନ ସହିତ ଉଜ୍ଜଳ ଭବିଷ୍ୟତର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ. ମୁନିରାଜ ସୁବଳ ବଡେଇ, ଅନାଦୀ ବାରିକ୍, ଗୌରହରି ବାରିକ, ମୁନି ଜଗଦୀଶ ପରିଡ଼ା, ଗଜେନ୍ଦ୍ର ପରିଡା, ରବିନ୍ଦ୍ର ସାହୁ, ଶଶଧର ସେନାପତି, ଶିବ ସିଂ, ସିନ୍ଧୁ ସିଂ, ଜନମ୍ଜେୟ ପରିଡା, ଯୋଗେନ୍ଦ୍ର ବେହେରା, ଶ୍ରୀନାଥ ବେହେରା, ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବିମଳାଲେଙ୍କା, ବାସନ୍ତୀ ମହାଳିକ, ଶକୁନ୍ତଳା ପରିଡା, ମୁନିମତୀ ସଂଯୁକ୍ତ। ପରିଡା, ସୁଷମା ପରିଡ।, ଜାହ୍ନବୀ ଗିରି, ପାର୍ବତୀ ସେଠି, ସୀତା ବେହେରା,ଉର୍ମିଳା ଚାଉଳ, ଜୟନ୍ତୀ ଗିରି,କୁନି ମାଝି, ବାସନ୍ତୀ ପରିଡ। ଏବଂ ମୁନି କୁମାରୀ ମିନତୀ ଦଳାଇ ପ୍ରମୁଖ । ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଲେ ଜଣେ ନିଶ୍ଚିତ ନିଜର ଲକ୍ଷ ସ୍ଥଳରେ ପହଞ୍ଚିପାରିବ ହିଁ ପାରିବ ଏହା ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଶେଷରେ ପରମପୂଜ୍ୟା ମାତା ମୁନିମତୀ ସଂଯୁକ୍ତା ପରିଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

❑ ସଂପାଦିକା : ସୈରିନ୍ଧ୍ରୀ ସାହୁ
❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❑ Editor: Sairindhree Sahoo
❑ Managing & Executive Editor : Srustidhar Parida